# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


## ଅନୁଙ୍କ ହାତରେ ଶାସନ ମଙ୍ଗ

## ପ୍ରଶାସନିକ ଇତିହାସରେ ମୁଖ୍ୟ ସଚିବ

## ଅସନ୍ତୋଷ ମସଲାରେ ବିଜେଡି ଭୋଜି

## ଫୁଲତୋଡ଼ା ନା ଫଳଡାଲା

## ନବୀନଙ୍କ ଗୁରୁକୁଳରେ ଅମାନିଆ ଶଙ୍ଖୁଆ

## ୨୦୨୬ କାହା ମନରେ ଭରିବ ଖୁସି


ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-6 29 DECEMBER 2025-04 JANUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୬ ୨୯ ଡିସେମ୍ବର ୨୦୨୫-୦୪ ଜାନୁଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର



# ଫୁଲତୋଡ଼ା ନା ଫଳଡାଲା

> ଯେତେ ପାୱାର, ସେତେ ଦାମୀ ଫ୍ଲାୱାର । ଆମେ ତ ଗାଁ ଗହଳିରେ ଚଳିବା ଲୋକ । କେହି ନେତା କି ଅତିଥି ଆସିଲେ ଅତିବେଶୀରେ ଟଗର ଫୁଲ ହାରଟେ ଦେଉଥିଲୁ । କିନ୍ତୁ ଏବେ ଟଗର ଫୁଲ ହାରଟେ ଦେଲେ ମରହଟ୍ଟିଆ ଭଳି ଅନୁଭବ ହୁଏ । ଆଜିକାଲି ବାଙ୍ଗାଲୋର, କୋଲକାତାରୁ ସବୁ ଦାମୀ ଫୁଲ ଆସୁଛି । ଗୋଟେ ଗୋଟେ ତୋଡ଼ାର ଦାମ ଦି ହଜାର କ'ଣ ତା'ଠୁ ବି ଅଧିକା ହୋଇଯାଉଛି । ମୋ ମନରେ ସେତେବେଳେ ପ୍ରଶ୍ନ ଉଠେ, ଏ ଫୁଲ ତୋଡ଼ାର ଆୟୁଷ କେତେ ?

ଇଂରାଜୀ ନବବର୍ଷ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ ହୋଇନଥିଲେ ବି ଆଜି ଏହା ସାରା ଓଡ଼ିଶାରେ ଛାଇଯାଇଛି । ସାଧାରଣ ଲୋକଙ୍କ ପାଇଁ ନୂଆବର୍ଷ କହିଲେ ନଘା ଭୋଜିଟେ । ଆଉ ଟିକେ ପ୍ରୋ' ହୋଇଗଲେ (ଆଜିକାଲି ପ୍ରୋ' ମାନେ ଟିକେ ଉନ୍ନତମାନର) ଫୁଲତୋଡ଼ାଟେ ଧରି କାହାକୁ ହାପି ନ୍ୟୁୟର ଜଣାଇବା ସହ ସେଲ୍‌ଫିଟେ ମାରିବା । ଗାଁ କି ବ୍ଲକରେ ୩୦ରୁ ୧୦୦ ଭିତରେ ଫୁଲତୋଡ଼ାଟେ ଢେର । ଟିକେ ବଡ଼ ସହର ହେଲେ ଫୁଲତୋଡ଼ାର ସର୍ବାଧିକ ଦର ପାଁଶହ ଆଉ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଭଳି ସହରରେ ଫୁଲତୋଡ଼ା ଦର ଦି ହଜାର ବି ଟପିଯାଉଛି । ପୁଣି ଫୁଲତୋଡ଼ାର ଦାମ୍ ବି ଲୋକ ଅନୁସାରେ ତଉଲାଯାଉଛି । ଗାଏମୋଟ୍ କହିଲେ, ଯେତେ ପାୱାର, ସେତେ ଦାମୀ ଫ୍ଲାୱାର । ଆମେ ତ ଗାଁ ଗହଳିରେ ଚଳିବା ଲୋକ । କେହି ନେତା କି ଅତିଥି ଆସିଲେ ଅତିବେଶୀରେ ଟଗର ଫୁଲ ହାରଟେ ଦେଉଥିଲୁ । କିନ୍ତୁ ଏବେ ଟଗର ଫୁଲ ହାରଟେ ଦେଲେ ମରହଟ୍ଟିଆ ଭଳି ଅନୁଭବ ହୁଏ । ଆଜିକାଲି ବାଙ୍ଗାଲୋର, କୋଲକାତାରୁ ସବୁ ଦାମୀ ଫୁଲ ଆସୁଛି । ଗୋଟେ ଗୋଟେ ତୋଡ଼ାର ଦାମ ଦି ହଜାର କ'ଣ ତା'ଠୁ ବି ଅଧିକା ହୋଇଯାଉଛି । ମୋ ମନରେ ସେତେବେଳେ ପ୍ରଶ୍ନ ଉଠେ, ଏ ଫୁଲ ତୋଡ଼ାର ଆୟୁଷ କେତେ ? ଜଣଙ୍କୁ ଦେଇସାରି ସେଲ୍ଫି ମାରିବା ପାଇଁ ମାତ୍ର ମିନିଟିଏ କି ଦିମିନିଟ୍ ସମୟ । ସେଇଥିରେ କେତେ ହଜାର ଟଙ୍କା ଶ୍ରାଦ୍ଧ । ଅବଶ୍ୟ ଆମେ ମାଷ୍ଟରିଆ ଓ କବି ଲୋକ ହୋଇଥିବାରୁ ମାହାଳିଆରେ ନବବର୍ଷର ଅଭିନନ୍ଦନ ପର୍ବ ସାରିଦେଉ ।

ଗୁଗୁଲ ମାରି ଫୁଲ ବଜାରକୁ ଅନୁଶୀଳନ କରିବା ବେଳେ ଜାଣିବାକୁ ମିଳିଲା ଦେଶରେ ଫୁଲ ବଜାର ୨୯୨୦୦ କୋଟି ଟଙ୍କା ଟପି ସାରିଛି । ହଉ ଛାଡ଼ନ୍ତୁ ଆଜ୍ଞା, ବେଶୀ ଗପିଲେ ଲୋକେ ପୁଣି ଫୁଲ ବେପାରୀଙ୍କ ବିରୋଧୀ ବୋଲି କହିବେ । ଏବେ ଆସିଲା ଫଳ ଡାଲା ଆଡ଼କୁ । ଗାଁରେ ଫଳ ଡାଲା ଆମେ ବଡ଼ ବଡ଼ ପର୍ବରେ ହିଁ ଦେଖୁ । ଆଉ ସାବିତ୍ରୀ କିମ୍ବା ଅନ୍ୟ ପର୍ବ ବେଳେ । ଆଳୁ ଖାଇବାକୁ ଯେତେବେଳେ ଲୋକଙ୍କ ପାଖରେ ଟଙ୍କା ନଖଟ ପଡ଼େ ସେତେବେଳେ ଫଳ କଥା କିଏ କାଇଁ ଭାବିବେ କହିଲେ?

ଏବେ ସୋସିଆଲ ମିଡ଼ିଆରେ ଫଳ ଡାଲା ଭାଇରାଲ୍ ହୋଇଛି । ବୁଝୁବୁଝୁ ଜାଣିଲୁ, ମୋଦିଙ୍କ ଉଜ୍ଜ୍ୱଳା ମ୍ୟାନ ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନ ଫୁଲତୋଡ଼ା ବଦଳରେ ଫଳ ଦେବାକୁ ଆହ୍ୱାନ ଦେଇଛନ୍ତି । ତାଙ୍କ କହିବା କଥା, ଅନେକ ଲୋକ ତାଙ୍କୁ ଭେଟିବା ବେଳେ ବଡ଼ ବଡ଼ ଫୁଲତୋଡ଼ା ଦେଉଛନ୍ତି । ଏତେ ଟଙ୍କା ଖର୍ଚ୍ଚ କରି ଫୁଲତୋଡ଼ା ଦେବାର କିଛି ମାନେନାହିଁ । ବରଂ ସେଇ ଟଙ୍କାରେ ଫଳ କିଣି ଅଙ୍ଗନବାଡ଼ି ପିଲାଙ୍କୁ ଦେଲେ ଲାଭ ଅଛି । ଧର୍ମେନ୍ଦ୍ରଙ୍କ ଏହି ଆହ୍ୱାନକୁ ରାଜନୀତିକ ଭାବେ ଅନୁଶୀଳନ କରି ସୋ'ବାଜି କହିବାଟା ଠିକ୍ ହେବନି । ଏଥିରେ ବହୁ ଗୁଢ଼ ରହସ୍ୟ ରହିଛି । ଏହାହିଁ ବାସ୍ତବତା । ସୋସିଆଲ ମିଡ଼ିଆରେ ଅନେକ ଧର୍ମେନ୍ଦ୍ରଙ୍କ ଏହି ଚିନ୍ତାଧାରାରେ ଅନୁପ୍ରାଣୀତ ହୋଇଥିବା ଦେଖିବାକୁ ମିଳୁଛି । ତାଙ୍କ ଫ୍ୟାନମାନେ ବି ଫୁଲତୋଡ଼ା ବଦଳରେ ଫଳ ଡାଲା ଉପହାର ଦେଉଛନ୍ତି । ସବୁ ନେତା ଏମିତି ଆହ୍ୱାନ ଦେଲେ ଭଲହୁଅନ୍ତା ।

# ମନେପଡ଼ନ୍ତି ଜାନକୀ ବାବୁ



ଆସନ୍ତା ଜାନୁଆରୀ ୩ରୁ ସାରା ଓଡ଼ିଶାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯିବ । ଏଥିପାଇଁ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଭବ୍ୟ ସମାରୋହ ବି ଆୟୋଜନ କରାଯାଉଛି । କଂଗ୍ରେସର ଇତିହାସକୁ ଅନୁଶୀଳନ କଲେ ଜାନକୀ ବାବୁ ଜଣେ ଦକ୍ଷ ନେତା ଥିଲେ । ତିନି ତିନି ଥର ମୁଖ୍ୟମନ୍ତ୍ରୀ ରହିଥିଲେ । ସବୁଠାରୁ ବଡ଼କଥାଟି ହେଉଛି, ୧୯୯୦ରେ ମାତ୍ର ୧୦ ଆସନ ପାଇଥିବା କଂଗ୍ରେସ, ୧୯୯୫ରେ ସରକାର ଗଢ଼ିଥିଲା । ଓଡ଼ିଶା କଂଗ୍ରେସ ରାଜନୀତିରେ ଯେପର୍ଯ୍ୟନ୍ତ ଜାନକୀ ବାବୁ ସକ୍ରିୟ ଥିଲେ ସେପର୍ଯ୍ୟନ୍ତ ଦଳ ମଜବୁତ୍ ରହିଥିଲା । ହାଇକମାଣ୍ଡଙ୍କ ସହ ତାଙ୍କର ଯେଭଳି ନିଘନ ସମ୍ପର୍କ ରହିଥିଲା ଓଡ଼ିଶାର କୋଣ ଅନୁକୋଣର ନେତାଙ୍କୁ ବି ଭଲଭାବେ ଜାଣିଥିଲେ । ଜାନକୀବାବୁଙ୍କ ସଂକ୍ରାନ୍ତରେ ଆସନ୍ତା ସଂସ୍କରଣରେ ଆମେ ଏକ ସ୍ୱତନ୍ତ୍ର ଉପସ୍ଥାପନ କରିବୁ ।




## ବାବା ଅବ୍‌ଜର୍ଭାନନ୍ଦ

ଗଛ କାଟିନେଲ, ପାହାଡ ଖୋଳିଲ
ବିକିଦେଲ ବେଳାଭୂମି,
କମ୍ପାନୀ ହାତରେ ଟେକିଦେଲ ତୁମେ,
ଆଦିବାସୀ ଚାଷ ଜମି ।
କଂକ୍ରିଟ ଜଙ୍ଗଲ ତିଆରି କରିଲ
ପୋତି ଦେଇ ନଦୀ ନାଳ,
ପତିଆରା ପାଇଁ ରାସ୍ତାରେ ବୁଲୁଛ
ଧରି ଗାଡ଼ି ମାଳ ମାଳ ।
ପଲ୍ୟୁସନ ବଢ଼ିଗଲା ବୋଲି ଏବେ
କରୁଅଛ ହୋ ହାଲ୍ଲା
ଫାଇନ ଧମକ ଦେଇକି ସର୍କାର ଚଳେଇଛ ଗୋଟେ ପାଲା ।
ସତରେ ମୋହନ ଯଦି ତୁମେ ଏଠି ଲୋକଙ୍କର ସରକାର,
ନିୟମଗିରିରୁ ସିଜିମାଳି ଯାଏଁ ଲୁଟେରା ବାହାର କର ।
ପିୟୁସି ପାଇଁ ଯେ ଘଣ୍ଟା ଘଣ୍ଟା ଧରି
ଭାରି କଷ୍ଟ ଧାଡ଼ି ଦେବା,
ପରିବେଶ ପାଇଁ ଆମେ ବି ଚିନ୍ତିତ
ସୁରକ୍ଷାର ପଣ ନେବା ।

---

ହୋ...ଭକତେ ହୋ...
ଆଦିବାସୀ ସ୍କୁଲ ଜଗି ବସିଛନ୍ତି
କ୍ୟାମେରା ଲଗାଇ ଗଛରେ,
ଦଶ ସତକୁ ଗପ କରୁଛନ୍ତି
ମିଶାଇ ସେ ନବେ ମିଛରେ ।
ହେଲିକପ୍ଟର ପଣ୍ଡା ପଡିଛନ୍ତି
ସାମନ୍ତ ରାଜାଙ୍କ ପଛରେ,
ଭାବୁଛନ୍ତି ତାଙ୍କୁ ଛୋଟିଆ କେରାଣ୍ଡି
ନିଜକୁ ଶାର୍କ ମାଛରେ ।
ଘାଇଁ ଘାଇଁ ଘୁରେ ଘଣ୍ଟା
ଘାଇଁ ଘାଇଁ ଘୁରେ ଘଣ୍ଟା
ଧର୍ମପଦ ଖାଡ଼ି ଧରି ଅନେଇଛି
କେରାଣ୍ଡିରେ ଗୁନ୍ଥି କଣ୍ଟା,
ଥରେ ଗିଳିଦେଲେ ଟେକିନେଇ ସିଏ
ଭାଙ୍ଗିଦେବ ତୁମ ଅଣ୍ଟା ।

ଡାଇଁ ଡି ଡାଇଁ ଡାଇଁ ଡି ଡାଇଁ ....





# ନେତ୍ରୀଙ୍କ ହାତରେ ଚାବି

**ଏକଦା ରାଜନୀତିରୁ ନେଇ ପ୍ରାୟ ସବୁକ୍ଷେତ୍ରରେ ପୁରୁଷଙ୍କର ଆଧିପତ୍ୟ ଥିଲା । ଅବଶ୍ୟ ଏବେ ବି ରହିଛି । ହେଲେ ମହିଳାମାନଙ୍କୁ ପୂର୍ବାପେକ୍ଷା ଅଗ୍ରାଧିକାର ମିଳିବାରେ ଲାଗିଛି । ଓଡ଼ିଶାର ଏବେ ବିଧାନସଭା ଚଳାଉଛନ୍ତି ମହିଳା ନେତ୍ରୀ ସୁରମା ପାଢ଼ୀ । ମୋହନ ସରକାରରେ ନମ୍ବର ୩ ରହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେପଟେ ପ୍ରଥମ ଥର ପାଇଁ ଓଡ଼ିଶା ପ୍ରଶାସନର ମଙ୍ଗ ଧରିବାକୁ ଯାଉଛନ୍ତି ଦକ୍ଷ ଆଇଏଏସ ଅଫିସର ଅନୁ ଗର୍ଗ । ଗାଏମୋଟ୍ ଦେଖିଲେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାରେ ମହିଳାଙ୍କ ହାତରେ ଚାବି ରହିବା ଘଟଣା, ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇପାରିବ । ଖାଲି ସେତିକିନୁହେଁ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଉପାସନା ମହାପାତ୍ର, ବର୍ଷା ସିଂ ବରିହାଙ୍କ ଭଳି ବିଧାୟିକାମାନେ ଚର୍ଚ୍ଚାରେ ଥିବାବେଳେ ଇପ୍ସିତା ସାହୁ ଓ ଦୀପ୍ତିମୟୀ ପ୍ରତିହାରୀଙ୍କ ଭଳି ନେତ୍ରୀ ଏବେ ସାଂଗଠନିକ ଦକ୍ଷତା ପ୍ରତିପାଦିତ କରୁଛନ୍ତି ।**

## ମ୍ୟାଡ଼ାମ ସ୍ପିକର ସୁରମା ପାଢ଼ୀ

ଖାଲି ଓଡ଼ିଶା ନୁହେଁ, ଜାତୀୟସ୍ତରରେ ବିଜେପିର ଜଣେ ଆଗଧାଡ଼ିର ନେତ୍ରୀ ଭାବେ ସୁରମା ପାଢ଼ୀଙ୍କର ପରିଚୟ ରହିଛି । ୨୦୦୪ରେ ପ୍ରଥମ ଥର ପାଇଁ ରଣପୁରରୁ ବିଧାୟିକା ହୋଇଥିବା ସୁରମା, ମନ୍ତ୍ରୀ ହେବାର ସୌଭାଗ୍ୟ ପାଇଥିଲେ। ଏବେ ଆହୁରି ଏକ ବଡ଼ ଗୌରବର ଅଧିକାରିଣୀ ହୋଇଛନ୍ତି। ମହିଳା ବାଚସ୍ପତି ଭାବେ ସେ ଏକ ନୂଆ ରେକର୍ଡ କରିଛନ୍ତି। ପୂର୍ବରୁ ସରଳା ଦେବୀ ୧୯୩୯ରେ ଦିନକ ପାଇଁ ବାଚସ୍ପତି ହୋଇଥିବାବେଳେ ପ୍ରମିଳା ମଲ୍ଲିକ ୯ ମାସ ପାଇଁ ବାଚସ୍ପତି ଥିଲେ। ତେବେ ଇତିମଧ୍ୟରେ ସୁରମା ବାଚସ୍ପତି ଭାବେ ଦେଢ଼ ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଲାଣି। ଆଉ ତାଙ୍କରି ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ଉଦବୋଧନ ଦେବା ଏକ ଐତିହାସିକ ଘଟଣା ଭାବେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ଅତୀତରେ ସୁରମା ଭାରତୀୟ ଜନତା ମହିଳା ମୋର୍ଚ୍ଚାର ରାଜ୍ୟ ଓ ଜାତୀୟ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଅନେକବାର ସେ ଜାତୀୟ କାର୍ଯ୍ୟକାରୀ ସଭ୍ୟ ହେବା ସହ ଓଡ଼ିଶା କାଜୁ ଉନ୍ନୟନ ନିଗମର ବି ସଭାପତି ରହିଥିଲେ।

## ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଓଡ଼ିଶାର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି ପ୍ରଭାତୀ ପରିଡ଼ା। ପ୍ରଥମ ଥର ବିଧାନସଭାକୁ ଆସିଥିଲେବି ସରକାରରେ ତାଙ୍କୁ ଗୁରୁତ୍ୱ ଦାୟିତ୍ୱ ମିଳିଛି । ମିଶନ ଶକ୍ତି ଭଳି ବିଭାଗର ଦାୟିତ୍ୱ ମିଳିଥିବାବେଳେ 'ସୁଭଦ୍ରା' ଯୋଜନାର ସଫଳତା ତାଙ୍କରି କାନ୍ଧରେ ନ୍ୟସ୍ତ କରାଯାଇଛି। ରାଜନୀତିକୁ ଆସିବା ପୂର୍ବରୁ ପ୍ରଭାତୀ ଓଡ଼ିଶା ହାଇକୋର୍ଟରେ ଓକିଲାତି କରୁଥିଲେ। ରାଜ୍ୟ ବିଜେପିର ମହିଳା ମୋର୍ଚ୍ଚା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସେ କାର୍ଯ୍ୟ କରିଛନ୍ତି। ବହୁବାର ନିମାପଡ଼ାରୁ ହାରିଥିଲେବି ସେ ଅଟକି ଯାଇନଥିଲେ। ବରଂ ଲଢ଼େଇ କରି ଚାଲିଥିଲେ। ଯାହାର ଫଳସ୍ୱରୂପ ୨୦୨୪ରେ ସେ ବାଜିମାତ୍ କରିବା ସହ ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

ସୂଚନାଯୋଗ୍ୟଯେ, ଏବେ ମୋହନ ସରକାରରେ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ଉପମୁଖ୍ୟମନ୍ତ୍ରୀ ଅଛନ୍ତି । ତାଙ୍କ ପୂର୍ବରୁ ୧୯୬୭ରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସରକାରରେ ପବିତ୍ର ମୋହନ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ଥିଲେ । ସେହିପରି ନନ୍ଦିନୀ ଶତପଥିଙ୍କ ସରକାରରେ ନୀଳମଣି ରାଉତରାୟ ଉପମୁଖ୍ୟମନ୍ତ୍ରୀ ଥିବାବେଳେ ଜାନକୀ ପଟ୍ଟନାୟକଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ଥିଲେ ହେମାନନ୍ଦ ବିଶ୍ୱାଳ ଓ ବସନ୍ତ କୁମାର ବିଶ୍ୱାଳ ।

ଶାଶ୍ୱତ ଓଡ଼ିଆ

# ଅନୁଙ୍କ ହାତରେ ପ୍ରଶାସନର ମଙ୍ଗ

ଭାରତରେ ଓଡ଼ିଶା ଏକ ନୂଆ ଟ୍ରେଣ୍ଡ ସେଟର ଭାବେ ଉଭା ହେଉଛି। ସାଧାରଣତଃ ରାଜ୍ୟ ଶାସନ, ରାଜନୀତି ସବୁବେଳେ ପୁରୁଷକୈନ୍ଦ୍ରିକ ବୋଲି ବିଚାର ହେଲାବେଳେ ଓଡ଼ିଶାରେ କିନ୍ତୁ ଆଇନ୍ ପ୍ରଣୟନ, ପ୍ରସ୍ତୁତି ଓ କାର୍ଯ୍ୟକାରୀ କରାଇବା ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନଙ୍କର ଦବ୍‌ଦବା ବଢ଼ିଛି।

ଜାନୁୟାରୀ ୧ରୁ ଓଡ଼ିଶା ପ୍ରଶାସନର ମୁଖ୍ୟ ଶାସନ ସଚିବ ଭାବରେ ୧୯୯୧ ବ୍ୟାଚ୍ ଆଏଏଏସ୍ ଅଫିସର ଅନୁଗର୍ଗ ନିଯୁକ୍ତି ପାଇବା ଖବର ଆସିବା ପରେ ଓଡ଼ିଶା କ୍ଷମତା କେନ୍ଦ୍ରରେ ମହିଳାମାନଙ୍କର ଦବ୍‌ଦବାକୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଆଇଏଏସ୍ ଅଧିକାରୀ ରାଜ୍ୟ ପ୍ରଶାସନିକ ସେବାର ମୁଖ୍ୟ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ସେ ମଧ୍ୟ ଓଡ଼ିଶାର ପ୍ରଥମ ମହିଳା ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୩୦ ବର୍ଷରୁ ଅଧିକ ବର୍ଷର ପ୍ରଶାସନିକ ଅଭିଜ୍ଞତା ରହିଛି ତାଙ୍କ ପାଖରେ। ସବଡ଼ିଭିଜନ, ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ପ୍ରତ୍ୟେକସ୍ତରରେ କାର୍ଯ୍ୟ କରିବାରେ ଅଭିଜ୍ଞତା ରହିଛି ତାଙ୍କ ନିକଟରେ।

ଅନୁ ଗର୍ଗ ସେହି ହାତଗଣତି ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ ଲୋକାଭିମୁଖୀ ସରକାରରେ ଯୋଗାଯୋଗର ଗୁରୁତ୍ୱ କ'ଣ ଅତି ସ୍ପଷ୍ଟ ଭାବରେ ବୁଝନ୍ତି। ସେଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଭାବରେ କାର୍ଯ୍ୟ କରୁଥିବା ସମୟରେ ସେ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ ସହିତ ମାଆ ଓ ଶିଶୁ ସ୍ୱାସ୍ଥ୍ୟ, ପୋଷଣ ଓ ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସୀ ଫର କମ୍ୟୁନିକେସନ୍ ପ୍ରତିଷ୍ଠା କରାଇଥିଲେ। କୌଣସି ସରକାରୀ ବିଭାଗ ମଧ୍ୟରେ ଏଭଳି ଏକ ଶାଖା ପ୍ରତିଷ୍ଠା କରିବାରେ ଓଡ଼ିଶା ସେତେବେଳେ ଥିଲା ଭାରତର ପ୍ରଥମ ରାଜ୍ୟ। ପରବର୍ତ୍ତୀ ସମୟରେ ଅନେକ ରାଜ୍ୟ ଏହାକୁ ଏକ ମଡେଲ ଭାବେ ଗ୍ରହଣ କରିଥିଲେ।

ଗାଁ ଗାଁରେ ସ୍ୱାସ୍ଥ୍ୟ କାନ୍ଥ ଫଳକର ନିର୍ମାଣ ଜରିଆରେ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ବାର୍ତ୍ତା ପହଞ୍ଚାଇବାର ଉଦ୍ୟମ ହେଉ ଅବା ମିଶନ ଶକ୍ତି ପ୍ରତିଷ୍ଠା କରି ଗାଁ ଗାଁର ମହିଳାମାନଙ୍କୁ ସଶକ୍ତ କରାଇବା ଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ହେଉ, ପ୍ରତ୍ୟେକ କ୍ଷେତ୍ରରେ ପ୍ରଶାସନିକ ବ୍ୟବସ୍ଥା ଓ ଲୋକଙ୍କ ମତାମତ ଭିତରେ ଯୋଗାଯୋଗ ରଖିବା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିବା ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର ସୁଖ୍ୟାତି ରହିଛି । ସେହିଭଳି କୋଭିଡ ପରିଚାଳନା ନିମନ୍ତେ ଗୀତଗୋବିନ୍ଦ ସଦନରେ ଯେଉଁ ଟିମ୍ କାମ କରୁଥିଲା ସେଠାରେ ପ୍ରସ୍ତୁତ ହେଉଥିବା ଅନେକ ରଣନୀତିର ସେ ଥିଲେ ଜଣେ ପ୍ରମୁଖ ସୂତ୍ରଧର । ଜନ୍ ହପକିନ୍ସ ୟୁନିଭର୍ସିଟିରୁ ଜନ ସ୍ୱାସ୍ଥ୍ୟ ସେବା ପରିଚାଳନା କ୍ଷେତ୍ରରେ ତାଙ୍କର ଉଚ୍ଚ ଶିକ୍ଷା ଏବଂ ପ୍ରଶାସନିକ ଅଭିଜ୍ଞତାର ଉପଯୋଗ କରି ଅନେକ ସଫଳ ଯୋଜନା ମାଧ୍ୟମରେ କୋଭିଡ୍ ଭଳି ଏକ ଜଟିଳ ସମସ୍ୟା ସହ ଲଢ଼ିବାରେ ଓ ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା ।

ପ୍ରଶାସନିକ ଦୃଷ୍ଟିରୁ ଅନୁ ଗର୍ଗଙ୍କର ଅନେକ ଅଭିଜ୍ଞତା ରହିଛି । ୧ ମାର୍ଚ୍ଚ ୧୯୬୯ରେ ଜନ୍ମଗ୍ରହଣ କରିଥିବାରୁ ସେ ମାର୍ଚ୍ଚ ୨୦୨୯ ପର୍ଯ୍ୟନ୍ତ କାର୍ଯ୍ୟ କରିବେ । ଯଦି ସବୁଠିକ୍ ଠାକ୍ ଚାଲେ ତେବେ ଦୀର୍ଘ ବର୍ଷ ପରେ ଓଡ଼ିଶାରେ ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ପଦରେ ଜଣେ ପ୍ରଶାସନିକ ଅଧିକାରୀ କାର୍ଯ୍ୟ କରିବାର ସୁଯୋଗ ରହିଛି । ଏଭଳି ସମୟରେ ତାଙ୍କ ନେତୃତ୍ୱରେ ଓଡ଼ିଶାରେ କ'ଣ ସବୁ ଗଠନମୂଳକ ଉନ୍ନତି ଘଟିବ ତାହା ଦେଖିବାକୁ ଅପେକ୍ଷା।



ଉନ୍ନୟନ କମିଶନର , ଯୋଜନା ଏବଂ ସଂଯୋଜନ ବିଭାଗ, ଓଡ଼ିଶା
୨୦୨୩ - ୨୦୨୫

ଅତିରିକ୍ତ ମୁଖ୍ୟ ସଚିବ, ଜଳସମ୍ପଦ ବିଭାଗ
୨୦୨୨ - ୨୦୨୩

ପ୍ରମୁଖ ସଚିବ, ଜଳସମ୍ପଦ ବିଭାଗ, ଓଡ଼ିଶା
୨୦୨୦ - ୨୦୨୨

ପ୍ରମୁଖ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଶ୍ରମ ଏବଂ ଇଏସ୍ଆଇ ବିଭାଗ, ଓଡ଼ିଶା
୨୦୧୭ - ୨୦୨୦

ଯୁଗ୍ମ ସଚିବ, ବୟନଶିଳ୍ପ , ମନ୍ତ୍ରଣାଳୟ, ଭାରତ ସରକାର
୨୦୧୫ - ୨୦୧୬

ଯୁଗ୍ମ ସଚିବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଭାରତ ସରକାର
୨୦୧୨ - ୨୦୧୫

ଯୁଗ୍ମ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
୨୦୧୨ -୨୦୧୨

କମିଶନର କମ୍ ସେକ୍ରେଟେରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
୨୦୦୮ - ୨୦୧୨

ଉପସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
୨୦୦୩ - ୨୦୦୫

ନିର୍ଦ୍ଦେଶକ - ଉପସଚିବ ଆଇସିଡିଏସ୍, ମହିଳା ଏବଂ ଶିଶୁ ବିକାଶ ବିଭାଗ
୨୦୦୦ - ୨୦୦୨

ଉପସଚିବ ଆବାସିକ କମିଶନର, ଗୃହ ବିଭାଗ , ଭାରତ ସରକାର
୧୯୯୮ -୨୦୦୦

ଉପସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
୧୯୯୮ - ୧୯୯୮

ସମ୍ବଲପୁର, ଜିଲ୍ଲାପାଳ
୧୯୯୭ - ୧୯୯୮

ବରଗଡ଼, ଜିଲ୍ଲାପାଳ
୧୯୯୬ - ୧୯୯୭

ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ (ଏଡଏମ୍), କଳାହାଣ୍ଡି
୧୯୯୫ - ୧୯୯୬

ଉପ ଜିଲ୍ଲାପାଳ, କଳାହାଣ୍ଡି,
୧୯୯୪ - ୧୯୯୫

ଉପ ଜିଲ୍ଲାପାଳ, ଝାରସୁଗୁଡା
୧୯୯୩ - ୧୯୯୪

# ପ୍ରଶାସନିକ ଇତିହାସରେ ମୁଖ୍ୟସଚିବ

**ଚିତ୍ତରଞ୍ଜନ ମହାନ୍ତି, କଟକ**

ନୂଆବର୍ଷର ପ୍ରଥମ ଦିନ, ଜାନୁଆରୀ ୧, ୨୦୨୬ରେ ଓଡ଼ିଶାର ପ୍ରଶାସନିକ ଇତିହାସରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ । ଅନୁ ଗର୍ଗ, ଏକ ଯୋଗ୍ୟ ଆଇଏଏସ୍ ଅଧିକାରୀ (୧୯୯୧ ବ୍ୟାଚ), ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଏହି ନିଯୁକ୍ତି କେବଳ ଲିଙ୍ଗ ସମାନତାର ଏକ ମାଇଲଷ୍ଟୋନ୍ ନୁହେଁ, ବରଂ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାରେ ମହିଳାମାନଙ୍କର ବଢୁଥିବା ଭୂମିକାର ପ୍ରତୀକ। ବର୍ତ୍ତମାନର ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ପରେ ଅନୁ ଗର୍ଗଙ୍କର ଆଗମନ ରାଜ୍ୟର ରାଜନୈତିକ ଏବଂ ପ୍ରଶାସନିକ ପରିବେଶରେ ନୂତନ ଉତ୍ସାହ ଆଣିବ ।

ଓଡ଼ିଶାର ମୁଖ୍ୟ ସଚିବ ପଦବୀର ଆରମ୍ଭ ୧୯୩୬ରେ ହୋଇଥିଲା, ଯେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠିତ ହୋଇଥିଲା। ପ୍ରଥମ ମୁଖ୍ୟ ସଚିବ ଥିଲେ ପି.ଟି. ମାନ୍ସଫିଲ୍ଡ (୧୯୩୬-୪୦), ଯିଏ ବ୍ରିଟିଶ୍ ଶାସନ କାଳରେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସମୟରେ ଓଡ଼ିଶାର ରାଜନୈତିକ ପରିବେଶ ବ୍ରିଟିଶ୍ ଶାସନର ଅଧିନରେ ଥିଲା ଏବଂ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି (୧୯୩୭-୩୯) ଏବଂ ବିଶ୍ୱନାଥ ଦାସ (୧୯୩୯-୪୧) ଭଳି ନେତାମାନଙ୍କ ସହିତ ସେ କାର୍ଯ୍ୟ କରିଥିଲେ।

ଏହି ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମୁଖ୍ୟ ସଚିବମାନେ ପ୍ରଦେଶର ପ୍ରଶାସନିକ ଭିତ୍ତିଭୂମି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ପରବର୍ତ୍ତୀରେ ଜେ. ବୋଷ୍ଟେଡ୍ (୧୯୪୦-୪୪), ଆର୍‌ଏଇ ଉଇଲିୟମ୍ସ (୧୯୪୪-୪୬), ଆର୍ଥର ହ୍ୟୁଗ୍ କେମ୍ପ୍ (୧୯୪୬-୪୮) ଭଳି ଅଧିକାରୀମାନେ ବ୍ରିଟିଶ୍ କାଳର ଶେଷ ପର୍ଯ୍ୟାୟରେ କାର୍ଯ୍ୟ କରିଥିଲେ ।

ସ୍ୱାଧୀନତା ପରେ, ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ (୧୯୪୬-୫୦) ଏବଂ ନବକୃଷ୍ଣ ଚୌଧୁରୀ (୧୯୫୦-୫୬) ଭଳି ନେତାମାନଙ୍କ ସହିତ ମୁଖ୍ୟ ସଚିବମାନେ ରାଜ୍ୟର ପୁନର୍ଗଠନରେ ଯୋଗଦାନ ଦେଇଥିଲେ।

ବି.ସି. ମୁଖାର୍ଜୀ (୧୯୪୮-୪୯), ବି. ଡି ମୁଖାର୍ଜୀ (୧୯୪୯-୫୬), ଏବଂ ବି. ଶିବରାମନ୍ (୧୯୫୬-୫୯) ମୁଖ୍ୟ ସଚିବ ଥିଲେ। ତାଙ୍କର କାର୍ଯ୍ୟକାଳ କଂଗ୍ରେସ୍ ପାର୍ଟିର ସ୍ଥିର ଶାସନ ସମୟରେ ଥିଲା, ଯେଉଁଠାରେ ରାଜନୈତିକ ପରିବେଶ ସ୍ୱାଧୀନତା ପରବର୍ତ୍ତୀ ପୁନର୍ନିର୍ମାଣ ଏବଂ ଅର୍ଥନୈତିକ ବିକାଶରେ କେନ୍ଦ୍ରୀଭୂତ ଥିଲା । ଏହି ପରିବେଶରେ ମୁଖ୍ୟ ସଚିବମାନେ ନୂତନ ନୀତି କାର୍ଯ୍ୟାନ୍ୱୟନ ଏବଂ ପ୍ରଶାସନିକ ସ୍ଥିରତା ନିଶ୍ଚିତ କରିଥିଲେ, ଯାହା ଓଡ଼ିଶାର କୃଷି ଏବଂ ଶିଳ୍ପ ବିକାଶରେ ସାହାଯ୍ୟ କରିଥିଲା ।

ପରବର୍ତ୍ତୀରେ ଭି. ରାମନାଥନ୍ (୧୯୫୯-୬୧), ଏ.କେ. ବାରେନ୍ (୧୯୬୫-୭୦), ଜି.ସି.ଏଲ୍. ଜୋନେଜା (୧୯୭୦-୭୨), ଏମ୍. ରାମକୃଷ୍ଣାୟା (୧୯୭୨-୭୪) ଭଳି ଅଧିକାରୀମାନେ ହରେକୃଷ୍ଣ ମହତାବ (୧୯୫୬-୬୧), ବିଜୁ ପଟ୍ଟନାୟକ (୧୯୬୧-୬୩), ବୀରେନ୍ ମିତ୍ର (୧୯୬୩-୬୫), ସଦାଶିବ ତ୍ରିପାଠୀ (୧୯୬୫-୬୭), ରାଜେନ୍ଦ୍ର ନାରାୟଣ ସିଂହଦେଓ (୧୯୬୭-୭୧) ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହିତ କାର୍ଯ୍ୟ କରିଥିଲେ ।

ଏହି ସମୟର ରାଜନୈତିକ ପରିବେଶରେ କଂଗ୍ରେସ୍ ଏବଂ ସ୍ୱତନ୍ତ୍ର ପାର୍ଟିର ପରିବର୍ତ୍ତନ ଘଟିଥିଲା, ଯାହା ପ୍ରଶାସନରେ ଅସ୍ଥିରତା ଆଣିଥିଲା ।

୧୯୭୦ ଦଶକରେ ରାଜନୈତିକ ଅସ୍ଥିରତା ବଢ଼ିଥିଲା । ଭିକ୍ଟର ସୁଲେମାନ୍ ମାଥ୍ୟୁସ୍ (ଭି.ଏସ୍. ମାଥ୍ୟୁସ୍, ୧୯୭୪-୭୬) ବିଶ୍ୱନାଥ ଦାସ (୧୯୭୧-୭୨), ନନ୍ଦିନୀ ଶତପଥୀ (୧୯୭୨-୭୩ ଏବଂ ୧୯୭୪-୭୬) ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହିତ କାର୍ଯ୍ୟ କରିଥିଲେ। ଏହି ସମୟର ରାଜନୈତିକ ପରିବେଶ ଜରୁରୀକାଳୀନ ସ୍ଥିତି ଏବଂ ଦଳୀୟ ବିଭାଜନରେ ପୂର୍ଣ୍ଣ ଥିଲା, ଯାହା ମୁଖ୍ୟ ସଚିବମାନଙ୍କୁ ଅସ୍ଥିର ପରିସ୍ଥିତିରେ ପ୍ରଶାସନ ପରିଚାଳନା କରିବାକୁ ବାଧ କରିଥିଲା ।

ଜେ.ଏ. ଡେଭ୍ (୧୯୭୬-୭୭, ଏ.କେ. ମଜୁମଦାର୍ (୭୭), କେ. ରାମମୂର୍ତ୍ତି (୧୯୭୭-୭୯), ଏସ୍‌ଏମ୍‌ଏଚ ବର୍ଣ୍ଣି (୧୯୭୯-୮୦), ବି. ଭେଙ୍କଟରମନ୍ (୧୯୮୦), ଏସ୍.ଏମ୍. ପଟ୍ଟନାୟକ (୧୯୭୯-୮୦) ଭଳି ଅଧିକାରୀମାନେ ବିନାୟକ ଆଚାର୍ଯ୍ୟ (୧୯୭୬-୭୭), ନୀଳମଣି ରାଉତରାୟ (୧୯୭୭-୮୦) ସହିତ କାର୍ଯ୍ୟ କରିଥିଲେ । ଏହି ଦଶକରେ ରାଜନୈତିକ ପରିବର୍ତ୍ତନ ବାରମ୍ବାର



ଘଟିଥିଲା, ଯାହା ପ୍ରଶାସନିକ ନିରନ୍ତରତାକୁ ପ୍ରଭାବିତ କରିଥିଲା ।

୧୯୮୦ ଦଶକରେ ଜାନକୀ ବଲ୍ଲଭ ପଟ୍ଟନାୟକ (୧୯୮୦-୮୯) ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରଥମ ଓଡ଼ିଆ ଆଇଏଏସ୍ ଅଧିକାରୀ ସୁଧାଂଶୁ ମୋହନ ପଟ୍ଟନାୟକ ( ୧୯୮୦-୮୩)ଙ୍କୁ ମୁଖ୍ୟ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା । ଏହା ଓଡ଼ିଆ ଭାଷା ଏବଂ ସଂସ୍କୃତିର ପ୍ରୋତ୍ସାହନର ଏକ ପଦକ୍ଷେପ ଥିଲା । ଏହି ସମୟରେ ଏଲ୍. ଆଇ. ପରିଜା (୧୯୮୩), ଜ୍ଞାନଚନ୍ଦ୍ର (୧୯୮୩-୮୫), ନଳିନୀ ପଣ୍ଡା (୧୯୮୭-୮୯), ରମାକାନ୍ତ ମିଶ୍ର (୧୯୮୯-୯୧), ରମାକାନ୍ତ ରଥ (୯୧-୯୨) ଭଳି ମୁଖ୍ୟ ସଚିବମାନେ କାର୍ଯ୍ୟରତ ଥିଲେ ।

ରାଜନୈତିକ ପରିବେଶ କଂଗ୍ରେସ୍ ପାର୍ଟିର ପ୍ରାଧାନ୍ୟରେ ଥିଲା, କିନ୍ତୁ ଅର୍ଥନୈତିକ ସଂକଟ ଏବଂ ବିରୋଧୀ ଦଳଗୁଡ଼ିକର ଉଦୟ ଏହାକୁ ପ୍ରଭାବିତ କରିଥିଲା। ଏହି ଅଧିକାରୀମାନେ ପ୍ରଶାସନିକ ସଂସ୍କାର ଏବଂ ବିକାଶମୂଳକ ଯୋଜନାରେ ଯୋଗଦାନ ଦେଇଥିଲେ, ଯାହା ରାଜ୍ୟର ଅଗ୍ରଗତିରେ ସାହାଯ୍ୟ କରିଥିଲା। ହେମାନନ୍ଦ ବିଶ୍ୱାଳ (୧୯୮୯-୯୦) ସମୟରେ ମଧ୍ୟ ଏହି ପରିବର୍ତ୍ତନ ଜାରି ରହିଥିଲା।

୧୯୯୦ ଦଶକରେ ରବି ନାରାୟଣ ଦାସ (୧୯୯୨-୯୫), ରମାକାନ୍ତ ରଥ (୧୯୯୧-୯୨), ଭୁଜବଳ (ଆର୍.କେ. ଭୁଜବଳ, ୧୯୯୫-୯୭), ସୁଧାଂଶୁ ଭୂଷଣ ମିଶ୍ର (୯୭-୯୯), ସହଦେବ ସାହୁ(୯୯) ଭଳି ମୁଖ୍ୟ ସଚିବମାନେ ବିଜୁ ପଟ୍ଟନାୟକ (୧୯୯୦-୯୫), ଜାନକୀ ବଲ୍ଲଭ ପଟ୍ଟନାୟକ (୧୯୯୫-୯୯), ଗିରିଧର ଗମାଙ୍ଗ (୧୯୯୯), ହେମାନନ୍ଦ ବିଶ୍ୱାଳ (୧୯୯୯) ସହିତ କାର୍ଯ୍ୟ କରିଥିଲେ। ଏହି ଦଶକର ରାଜନୈତିକ ପରିବେଶ ଦଳୀୟ ବିଭାଜନ ଏବଂ ଅସ୍ଥିରତାରେ ପୂର୍ଣ୍ଣ ଥିଲା, ଯାହା ମୁଖ୍ୟ ସଚିବମାନଙ୍କୁ ବାରମ୍ବାର ପରିବର୍ତ୍ତନର ସମ୍ମୁଖୀନ ହେବାକୁ ପଡ଼ିଥିଲା।

୨୦୦୦ ଦଶକରୁ ନବୀନ ପଟ୍ଟନାୟକଙ୍କ ଦୀର୍ଘ ଶାସନ (୨୦୦୦-୨୪) ଆରମ୍ଭ ହୋଇଥିଲା। ସୁଧାଂଶୁ ମୋହନ ପଟ୍ଟନାୟକ (୨୦୦୦) ନବୀନ ସରକାରଙ୍କର ପ୍ରଥମ ମୁଖ୍ୟସଚିବ ଥିଲେ । ପରେ ଡି.ପି. ବାଗଚୀ (୨୦୦୦-୦୨) ଦାୟିତ୍ୱରେ ରହିଥିଲେ।

ପ୍ରତୀପ ମହାନ୍ତି ( ୨୦୦୨), ସୁବାସ ପାଣି (୨୦୦୪-୦୬), ଅଜିତ କୁମାର ତ୍ରିପାଠୀ (୨୦୦୬-୦୯), ତରୁଣ କାନ୍ତି ମିଶ୍ର (୨୦୦୯-୧୦), ବିଜୟ ପଟ୍ଟନାୟକ (୨୦୧୦-୧୩), ଯୁଗଳ କିଶୋର ମହାପାତ୍ର (୨୦୧୩-୧୪), ଗୋକୁଳ ଚନ୍ଦ୍ର ପତି (୨୦୧୪-୧୫), ଆଦିତ୍ୟ ପ୍ରସାଦ ପାଢ଼ୀ (୨୦୧୫-୧୯), ଅସିତ କୁମାର ତ୍ରିପାଠୀ (୨୦୧୯-୨୧), ସୁରେଶ ଚନ୍ଦ୍ର ମହାପାତ୍ର (୨୦୨୧-୨୩), ପ୍ରଦୀପ୍ତ କୁମାର ଜେନା (୨୦୨୩-୨୪) ଭଳି ଅଧିକାରୀମାନେ ନବୀନଙ୍କର ନୀତିଗୁଡ଼ିକ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

ଏହି ସମୟର ରାଜନୈତିକ ପରିବେଶ ବିଜେଡିର ପ୍ରାଧାନ୍ୟରେ ଥିଲା, ଯାହା ସ୍ଥିରତା ଏବଂ ବିକାଶରେ କେନ୍ଦ୍ରୀଭୂତ ଥିଲା, କିନ୍ତୁ କୋଭିଡ୍-୧୯ ଭଳି ସଙ୍କଟର ସମ୍ମୁଖୀନ ହୋଇଥିଲା। ଏହି ମୁଖ୍ୟ ସଚିବମାନେ ରାଜ୍ୟର ଆଧୁନିକୀକରଣ, ବିପର୍ଯ୍ୟୟ ପରିଚାଳନା ଏବଂ ଅର୍ଥନୈତିକ ସଂସ୍କାରରେ ଯୋଗଦାନ ଦେଇଥିଲେ।

ମନୋଜ ଆହୁଜା (୨୦୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କାର୍ଯ୍ୟ କରୁଛନ୍ତି। ଯାହା ବିଜେପିର ନୂତନ ଶାସନର ପ୍ରତିନିଧିତ୍ୱ କରୁଛି। ଅନୁ ଗର୍ଗଙ୍କର ନିଯୁକ୍ତି ଏହି ଇତିହାସରେ ଏକ ନୂତନ ମୋଡ଼ ଆଣିବ, ଯାହା ମହିଳା ସଶକ୍ତିକରଣକୁ ପ୍ରୋତ୍ସାହିତ କରିବ।

ବର୍ତ୍ତମାନର ରାଜନୈତିକ ପରିବେଶରେ, ଯେଉଁଠାରେ ବିକାଶ ଏବଂ ସଂସ୍କାର ଉପରେ ଧ୍ୟାନ ଦିଆଯାଉଛି, ଅନୁ ଗର୍ଗଙ୍କର ନେତୃତ୍ୱ ନୂତନ ଦିଗନ୍ତ ଖୋଲିବ। ଏହି ଇତିହାସ ଦର୍ଶାଉଛି ଯେ ମୁଖ୍ୟ ସଚିବମାନେ ରାଜ୍ୟର ବିକାଶର ମେରୁଦଣ୍ଡ, ଏବଂ ଅନୁ ଗର୍ଗ ଏହି ପରମ୍ପରାକୁ ଆଗେଇ ନେବେ ଓ ଭବିଷ୍ୟତର ଅଧିକାରୀମାନଙ୍କ ପାଇଁ ପ୍ରେରଣା ହେବେ।

# ନବୀନଙ୍କ ଗୁରୁକୂଳରେ ଅମାନିଆ ଶଙ୍ଖୁଆ



## ରୋକ୍‌ଠୋକ୍ ବଦ୍ରି: ସୁଜାତା ନେତ୍ରୀ ହୋଇପାରିବେନି

ସୁଯୋଗ ପାଇଲେ ପୁରୁଣା ରାଗ ଶୁଝାଇବାରେ ହେଳା କରୁନାହାନ୍ତି ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର। ବିଜେଡ଼ି ସରକାର ଅମଳରେ ତାଙ୍କୁ ଦଳର କେତେକ ନେତା ହଲାପଟା କରିଥିଲେ । ଦିନେ କେନ୍ଦୁଝର ରାଜନୀତିକୁ ହାତମୁଠାରେ ରଖିଥିବା ବଦ୍ରିଙ୍କ ଡେଣା ବି କାଟି ଦେଇଥିଲେ। ତେବେ ୨୦୨୪ରେ ଦଳ ହାରିବା ପରେ ବଦ୍ରି ଯେତେବେଳେ ସୁଯୋଗ ପାଉଛନ୍ତି, ସେତେବେଳେ ପ୍ରଣବ ପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କ ଉପରେ ବର୍ଷୁଛନ୍ତି। ଦଳର ପ୍ରତିଷ୍ଠା ଦିବସରେ ବି ସେ କାହାରିକୁ ଛାଡ଼ିନଥିଲେ। ବିଜେଡ଼ିର ପରାଜୟ ପାଇଁ ସେ ବବି ଓ ପାଣ୍ଡିଆନକୁ ଦାୟୀ କରିଛନ୍ତି । ଆଉ ସବୁଠାରୁ ବଡ଼ କଥାଟି ହେଉଛି, ମୋହନ ମାଝୀଙ୍କୁ କିନ୍ତୁ ପ୍ରଶଂସାରେ ପୋତି ଦେଇଛନ୍ତି।

ବଦ୍ରି କହିଥିଲେ, ସୁଜାତା ଦଳରେ ମିଶିଲେ ଆମର କିଛି ଆପତ୍ତି ନାହିଁ। ସେ କର୍ମୀ ହୋଇ ରହିବେ। ଆମ ଉପରେ ନେତା ହେବାକୁ ଚେଷ୍ଟା କଲେ ପ୍ରଶ୍ରୟ ଦେବୁନି। କେବଳ ନବୀନ ବାବୁ ଆମର ନେତା। ଗତ ନିର୍ବାଚନରେ ଦଳ ପାଇଁ କାମ କରିଥିବା ଲୋକଙ୍କୁ ଟିକେଟରୁ ବଞ୍ଚିତ କରାଗଲା। ବିଜେଡ଼ି ହାରିଥିବାରୁ ଆମେ ଖୁସି। ବିଜେଡ଼ି ଜିତିଥିଲେ ଆମେ ବଞ୍ଚିନଥା'ନ୍ତୁ। କର୍ମୀ ମୋ ସହ ଅଛନ୍ତି ହେଲେ ଦଳ ସହ ନାହାନ୍ତି।



## ଆନୁଗତ୍ୟ ନାଁରେ ସ୍ୱାର୍ଥ ସାଧନ କରୁଛନ୍ତି ନେତା: ସଂତୃପ୍ତ

ନୂଆକରି ବିଜେଡ଼ିକୁ ଆସିଥିଲେବି ଆଜିକାଲି ସଂତୃପ୍ତ ମିଶ୍ର ଭାରି ପାୱାରଫୁଲ। ନବୀନ ବାବୁଙ୍କର ସେ ହେଉଛନ୍ତି ରାଜନୈତିକ ସଚିବ। ହେଲେ ପ୍ରତିଷ୍ଠା ଦିବସରେ ସେ ବି ହାଲକେଇକି ବାଣ ମାରିଛନ୍ତି। କହିଛନ୍ତି, ଆନୁଗତ୍ୟର ନାଁନେଇ କିଛି ନିଜ ସ୍ୱାର୍ଥ ସାଧନ କରୁଛନ୍ତି। ଦଳ ଭିତରେ ରହି ଦଳକୁ ଦୁର୍ବଳ କରିବାକୁ ଚେଷ୍ଟା କଲେ ସେମାନଙ୍କୁ ବରଦାସ୍ତ କରାଯିବ ନାହିଁ। ବିଜେଡ଼ି ହେଉଛି ଶୃଙ୍ଖଳିତ ଦଳ। ଏଠି କେବଳ ଶୃଙ୍ଖଳିତ ନେତା, କର୍ମୀମାନେ ହିଁ ରହିବେ।

## ସସପେଣ୍ଡ ନୁହଁ; ଏକ୍ସପେଲ୍ ହେଲେ ଖୁସି ହେବି



ସନ୍ନ୍ୟାସୀଙ୍କ ପଛରେ ପଡ଼ିଯାଇଛନ୍ତି ଦେବାଶିଷ ସାମନ୍ତରାୟ। ଏପଟେ ନବୀନଙ୍କୁ ବନ୍ଦନା କରୁଥିବାବେଳେ ସୁଯୋଗ ମିଳିଲେ ପାଣ୍ଡିଆନଙ୍କ ଉପରେ ବର୍ଷୁଛନ୍ତି ଦେବାଶିଷ। ଫାର୍ମ ହାଉସରେ ଭୋଜି ଖୁଆଇବା ପରେ ଦେବାଶିଷ କହିଛନ୍ତିଯେ, ଆମ ଭିତରେ ଅସନ୍ତୋଷ ରହିଛି। ଆମେ ଦଳକୁ ମଜବୁତ୍ କରିବା ପାଇଁ ଏକାଠି ହେଉଛୁ। ଆମ ରାଜନୀତିଆ ଲୋକ, ଯଦି କିଛି ନକରିବୁ ତାହେଲେ ସନ୍ନ୍ୟାସୀ ହୋଇଯିବୁ। ଏବେ ତ ସନ୍ନ୍ୟାସ ନେଇଥିବା ଲୋକ ସବୁକିଛି କରୁଛନ୍ତି। ଯେଉଁମାନେ ବିଜେଡ଼ିର ନାଁ ଟେକ ରଖିଥିଲେ ସେମାନଙ୍କୁ ସଂଗଠନ ଦାୟିତ୍ୱ ଦିଆଯାଉନାହିଁ। ମୋ କଥାକୁ କର୍ମୀମାନେ ସମର୍ଥନ କରୁଛନ୍ତି। ମୋତେ ସସପେଣ୍ଡ ନୁହଁ ଏକ୍ସପେଲ୍ କଲେ ମୁଁ ବହୁତ ଖୁସି ହେବି।

## ସୁଜାତାଙ୍କୁ ରାଜ୍ୟସଭା ପଠାନ୍ତୁ



ପ୍ରଭାତଙ୍କ ଭଳି ଚାଲାକ ନେତା କଟକ ରାଜନୀତିରେ ବିରଳ। ପ୍ରତିଷ୍ଠା ଦିବସରେ ପ୍ରଭାତଙ୍କ ଭାଷଣ ଶୁଣିଲେ ଯେକେହିବି ଏକଥା ସ୍ୱୀକାର କରିବ। ମଉକା ପାଇ ସେ ବରିଷ୍ଠ ନେତାଙ୍କୁ ଧୋଇବା ସହ ସୁଜାତା କାର୍ତ୍ତିକେୟନଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ବ୍ୟାଟିଂ କରିଛନ୍ତି। ପାଣ୍ଡିଆନଙ୍କ ପାଇଁ ୨୦୧୯ ରେ ବିଜେଡ଼ି ଜିତିଥିଲା। ତାଙ୍କ ଦମ୍ପତ୍ତିଙ୍କୁ ଅଣଦେଖା କଲେ ସେ କୁଆଡ଼େ ବରଦାସ୍ତ କରିବେ ନାହିଁ। ନବୀନଙ୍କ ଆଖିରେ ବେଇମାନ୍ ଥିବା ତାଙ୍କ ଗୁରୁ ପ୍ୟାରୀମୋହନଙ୍କୁ ବି ମନେ ପକାଇଥିଲେ। ନବୀନ ବାବୁ ପ୍ୟାରୀଙ୍କୁ ଚାବି ଦେଇଥିଲେ। କିଛି କୁଚକ୍ରୀ ସେ ଚାବି ନେଇଯାଇଛନ୍ତି। ଚାବି ନଫେରାଇଲେ କଟକ-ଚୌଦ୍ୱାରରୁ ବିଦ୍ରୋହ ଆରମ୍ଭ ହେବବୋଲି ସେ ଚେତାବନୀ ଦେଇଛନ୍ତି। ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ସଂଜୟ ଦାସବର୍ମା ଓ ଅତନୁ ସବ୍ୟସାଚୀ ନାୟକଙ୍କୁ ହାରୁନେତା ବୋଲି କହିବା ସହ ସେମାନେ ଦଳରେ ଆଉ ମାମଲତି କରନ୍ତୁ ନାହିଁ ବୋଲି ପ୍ରଭାତ କହିଛନ୍ତି। ବିଜେଡ଼ିର ୫୦ ବିଧାୟକ ଅଛନ୍ତି, ସେମାନେ ନିଜ ନିର୍ବାଚନମଣ୍ଡଳୀ କଥା ବୁଝନ୍ତୁ, ଅନ୍ୟ ନିର୍ବାଚନମଣ୍ଡଳୀରେ ମୁଣ୍ଡ ନପୂରାଇବାକୁ ପ୍ରଭାତ କହିଛନ୍ତି।

# କ'ଣ କହିଥିଲେ ନବୀନ

● ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡ଼ି ଓଡିଶାବାସୀଙ୍କ ସେବା କରିଚାଲିବ। ଓଡିଶାର ସ୍ୱାର୍ଥ ସର୍ବାଗ୍ରେ। ଏକ ଦୃଢ଼ ଆଞ୍ଚଳିକ ଦଳ ଭାବେ ଓଡିଶା ସ୍ୱାର୍ଥର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୁଦ୍ଧରେ ବିଜେଡିର ଲଢେଇ ଜାରି ରହିବ।

● ବିଜୁ ବାବୁଙ୍କ ଆଦର୍ଶ ଓ ପ୍ରେରଣାକୁ ସାଥିରେ ଧରି ବିଜୁ ପ୍ରେମୀ ମାନେ ଏକାଠି ହୋଇ ବିଜୁ ଜନତା ଦଳ ଗଠନ କରିଥିଲେ। ସେତେବେଳେ ବହୁ ଲୋକ କହୁଥିଲେ ଏ ଦଳ ବଞ୍ଚିବ ନାହିଁ। କିଛି ଲୋକ କହୁଥିଲେ ଏ ଦଳ ଆଗକୁ ବଢି ପାରିବ ନାହିଁ। ଏ ଦଳ କେବେ ସଫଳ ହେବ ନାହିଁ। ଆଉ ମତେ ମଧ କହୁ ଥିଲେ ମୁଁ ରାଜନୀତି ଜାଣେ ନାହିଁ। କିନ୍ତୁ ଆପଣମାନଙ୍କ ପରିଶ୍ରମ ଓ ଓଡିଶାବାସୀଙ୍କ ଆଶୀର୍ବାଦ ଯୋଗୁ ବିଜେଡ଼ି ଓ ମୁଁ ଆପଣମାନଙ୍କ ସେବା କରିବାର ସୌଭାଗ୍ୟ ପାଇଛି।

● ଦୁନିଆରେ ବିଜେଡି ସରକାର ଓଡିଶାକୁ ଏକ ସଶକ୍ତ ଓ ସମୃଦ୍ଧ ରାଜ୍ୟର ପରିଚୟ ଦେଇପାରିଛି। ଓଡିଶାବାସୀଙ୍କ ଭଲ ପାଇବା ଓ କର୍ମୀ ଭାଇ ଭଉଣୀମାନଙ୍କ ପରିଶ୍ରମ ଯୋଗୁ ବିଜେଡ଼ି ଆଜି ଦୃଢ଼ ଆଞ୍ଚଳିକ ଦଳ ଭାବରେ ପ୍ରତିଷ୍ଠା ପାଇଛି।

## ୨୦୨୪

● ଗତ ନିର୍ବାଚନରେ ଆମେ ହାରିନାହୁଁ। ଲୋକଙ୍କ ବିଶ୍ୱାସ ମଧ ହରାଇନାହୁଁ। ବିଜେପି ମିଛ କଥା କହି, ମିଛ ପ୍ରତିଶ୍ରୁତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି। ଏତେ ମିଛ କହି ମଧ୍ୟ ବିଜେପି ଆମ ଠାରୁ କମ୍ ଭୋଟ ପାଇଛି। ଆମର ଭୁଲ୍ ହେଲା ଆମେ ସେମାନଙ୍କ ମିଛର ଠିକ୍ ଭାବରେ ପ୍ରତିଜବାବ ଦେଇପାରିଲୁ ନାହିଁ।

● ଆଜି ଓଡିଶାବାସୀ ଜାଣିଲେଣି ଯେ ବିଜେପି ମିଛ କଥା କହି କ୍ଷମତା ଦଖଲ କରିଛି। ତେଣୁ କର୍ମୀ ଭାଇ ଭଉଣୀମାନେ ସୋସିଆଲ ମିଡ଼ିଆରେ ବିଜେପିର ମିଛ ପ୍ରଚାରର ଉଚିତ୍ ଜବାବ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ।

● ଦରବୃଦ୍ଧି ପାଇଁ ଆଜି ପ୍ରତି ପରିବାର କାନ୍ଦୁଛି। ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ କାନ୍ଦୁଛି। ମିଶନ ଶକ୍ତି ମା'ମାନେ ଦୁଃଖରେ ଅଛନ୍ତି। ଲୋକଙ୍କ ଏତେ କଷ୍ଟ ପରେ ଏ ସରକାରର କୁମ୍ଭକର୍ଣ୍ଣ ନିଦ କେବେ ଭାଙ୍ଗିବ ?

---

● ଗଣତନ୍ତ୍ରରେ ହାର୍ ଜିତ ରହିଛି। କିନ୍ତୁ କିଛି ଲୋକ ଓ କିଛି ଦଳ ଏବେ ବିଜେଡ଼ିକୁ ନେଇ ଅପପ୍ରଚାର କରୁଛନ୍ତି। ବିଜେଡ଼ି ଭାଙ୍ଗିଯିବ ଭଳି ନାନା ଗୁଜବ ମଧ ସୃଷ୍ଟି କରା ଯାଉଛି। କିନ୍ତୁ ସେମାନେ ଜାଣି ରଖିବା ଉଚିତ୍ଯେ, ବିଜୁ ଜନତା ଦଳ, ଓଡିଶାବାସୀଙ୍କ ଦଳ। ବିଜେଡି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଓଡିଶାବାସୀଙ୍କ ସ୍ୱର ହୋଇରହିବ।


● ୧୯୯୭ରୁ ବିଜେଡି ବିଜୁ ବାବୁଙ୍କ ଆଦର୍ଶରେ ଓଡିଶାବାସୀଙ୍କ ସେବା କରିଚାଲିଛି। ୨୦୦୦ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡିଶା ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଓଡିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି।

## ୨୦୨୫

● ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି। କିନ୍ତୁ ବିକାଶ କାହିଁ? ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେଯେ, ଏବେ ଚାଷୀକୁ ସାର ମିଳୁନି। ମଣ୍ଡି ଖୋଲୁନି। ମିଶନ ଶକ୍ତି ମା'ମାନେ ହଇରାଣ। ଯୁବ ସମାଜ ହତାଶ। ଗତ ଅଠର ମାସ ରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନ କ୍ଷରବଳ ହେଲାଣି। ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

● ବିଜେଡିର ଯୁବବନ୍ଧୁ ମାନେ ସୋସିଆଲ ମିଡ଼ିଆରେ ସକ୍ରିୟ ରହିବା ସହ ଦଳ ବିରୁଦ୍ଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରିବାକୁ ବିଜେଡି ସଭାପତି ଆହ୍ୱାନ ଜଣାଇଥିଲେ।

● ଦଳର ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀ ମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗ ରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ନବୀନ ଆହ୍ୱାନ ଦେଇଥିଲେ।



**ଓଡ଼ିଶାର ରାଜନୀତିକ ସମୀକରଣ ଜାତି କି ଧର୍ମ ଆଧାରରେ ହେବାର ନଜିର ନାହିଁ। ଅବଶ୍ୟ କିଛି କିଛି ନିର୍ବାଚନମଣ୍ଡଳୀରେ ଏହାର ସାମାନ୍ୟ ମହତ୍ତ୍ୱ ପରିଲକ୍ଷିତ ହୋଇଥାଏ। କିନ୍ତୁ ଉତ୍ତରପ୍ରଦେଶ କି ବିହାର ଭଳି ଅଙ୍କ ଓଡ଼ିଶାରେ ନାହିଁ। 'ମଣ୍ଡଳ' ଆନ୍ଦୋଳନବେଳେ କିଛି ସମୟ ପାଇଁ ଜାତି ରାଜନୀତି ସାମାନ୍ୟ ଦାନା ବାନ୍ଧିଥିଲେବି ପରେ ଏହାର ସେଭଳି ସୋର ଶବ୍ଦ ଦେଖିବାକୁ ମିଳିନଥିଲା। ତଥାପିବି ଶ୍ରୀକାନ୍ତ ଜେନାଙ୍କ ଭଳି ନେତାମାନେ ମଝିରେ ମଝିରେ ଏହି କଥା ଉଠାଇ ପଛୁଆ ବର୍ଗଙ୍କ ହକ୍‌ର ଲଢ଼େଇ ପାଇଁ ଅଣ୍ଟା ଭିଡୁଥିଲେ। ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଛୁଆ ବର୍ଗଙ୍କ ହକ୍‌ର କଥା ଉଠାଇଥିବାରୁ ଆଗକୁ ଏହା ଦାନା ବାନ୍ଧିବ ବୋଲି ରାଜନୀତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। ସଂରକ୍ଷଣ ବଦଳରେ ସାମାଜିକ ନ୍ୟାୟ କଥା ଉଠାଇ ନେତାମାନେ ଗୋଟି ଚଳାଇବା ବି ଆରମ୍ଭ କରିଦେଇଛନ୍ତି।**

# ପଛୁଆ ହ

ସାମାଜିକ ନ୍ୟାୟ କହିଲେ ସାଧାରଣରେ ଲୋକେ ସଂରକ୍ଷଣ କଥା ବୁଝିଥାଆନ୍ତି। ମାତ୍ର ଏହାର ଅର୍ଥ ତାହା ନୁହେଁ । କୌଣସି ଦେଶ ତଥା ପ୍ରଦେଶର ସମ୍ବଳର ସୁବଣ୍ଟନ ସହ ସମସ୍ତ ପ୍ରକାର ରାଜନୈତିକ, ଅର୍ଥନୈତିକ କ୍ଷମତା ବଣ୍ଟନ ହିଁ ସାମାଜିକ ନ୍ୟାୟ। ଓଡ଼ିଶାର ମୋଟ ଜନସଂଖ୍ୟାର ୨୩ ଭାଗ ଆଦିବାସୀ । ୧୭ ଭାଗ ଅନୁସୂଚିତ ଜାତି, ଏହା ବାଦ୍ ପ୍ରାୟ ୫୨% ପଛୁଆବର୍ଗ। ପ୍ରଶାସନିକ ଦୃଷ୍ଟିକୋଣରୁ ଏହି ପଛୁଆବର୍ଗଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ସାମାଜିକ, ଶିକ୍ଷାଗତ ପଛୁଆବର୍ଗ ଏବଂ ଅନ୍ୟାନ୍ୟ ପଛୁଆବର୍ଗ। ଏହି ପ୍ରସଙ୍ଗ ଯେତେବେଳେ ଓଡ଼ିଶା ରାଜନୀତିରେ ଉଠେ, କେତେକ ନାମ ସ୍ୱତଃ ପ୍ରବୃତ୍ତ ମାନସ ପଟକୁ ଚାଲିଆସେ। ବିଶେଷ କରି ନବେ ଦଶକରେ ମଣ୍ଡଳ କମିଶନ ରାଜନୀତିରେ ଓଡ଼ିଶାର ଶ୍ରୀକାନ୍ତ ଜେନା ହିଁ ବିଶ୍ୱନାଥ ପ୍ରତାପ ସିଂଙ୍କ ମନ୍ତ୍ରୀ ପରିଷଦର ସଦସ୍ୟ ଥିଲେ। ସାରା ଦେଶ ପରି ଓଡ଼ିଶାରେ ପଛୁଆବର୍ଗଙ୍କୁ ଚାକିରୀରେ ୨୭% ସଂରକ୍ଷଣ ଲାଗୁ କରିବାକୁ ସେ ଦାବି କରିଥିଲେବି ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରାଥମିକ ଭାବେ ବିରୋଧ କରିଥିଲେ। ସେତେବେଳେ ତାଙ୍କ କ୍ୟାବିନେଟର ବିଜୟ ମହାପାତ୍ର ଓ ନରସିଂହ ମିଶ୍ର ମଧ୍ୟ ମଣ୍ଡଳ କମିଶନ ସୁପାରିସର ବିରୋଧରେ ରହିଥିଲେ। ମାତ୍ର ସେହି କ୍ୟାବିନେଟରେ ଥିବା ଭାଗବତ ବେହେରା, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଏହାର ଦୃଢ ସମର୍ଥକ ରହିଥିଲେ। ସେତେବେଳର ତରୁଣ ତୁର୍କ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉମେଶ ସ୍ୱାଇଁ, ଛାତ୍ର ନେତା ଅରୁଣ ସାହୁ, ଅକ୍ଷୟ ମଲ୍ଲିକ, ସବ୍ୟସାଚୀ ପଣ୍ଡା, ବଦ୍ରି ମହାନ୍ତି ଏବଂ ପଞ୍ଚାନନ ପ୍ରଧାନ ମଣ୍ଡଳ କମିଶନ ସପକ୍ଷରେ ସାରା ରାଜ୍ୟରେ କାର୍ଯ୍ୟକ୍ରମମାନ କରାଇଥିଲେ ।

## ଶ୍ରୀକାନ୍ତ ଜେନା

ମଣ୍ଡଳ କମିଶନ ସୁପାରିସକୁ ମୋହର ମରାଯାଇଥିବା କ୍ୟାବିନେଟରେ ଥିଲେ ଶ୍ରୀକାନ୍ତ ଜେନା । ସାରା ଭାରତ ବର୍ଷରେ ଗଡିଥିବା ସାମାଜିକ ନ୍ୟାୟ ରଥର ସେ ଥିଲେ ଏକମାତ୍ର ଓଡ଼ିଆ ଚେହେରା । ଜନତା ଦଳରେ ଥାଇ ମଧ୍ୟ ନୀତିଗତ ଭାବେ ବିଜୁ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ପୁର୍ନବିଚାର ପାଇଁ ବାରମ୍ବାର ଚିଠି ଓ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ତାମିଲନାଡୁର ପଛୁଆବର୍ଗଙ୍କ ସଂଖ୍ୟା ୫୦%ରୁ ଅଧିକ। ତାହାକୁ ନବମ ଅନୁଚ୍ଛେଦରେ ସାମିଲ ନେଇ ହୋଇଥିବା ବିତର୍କରେ ଶ୍ରୀକାନ୍ତ ଜେନାଙ୍କ ଓଡ଼ିଶାର ପରିସ୍ଥିତି ବକ୍ତବ୍ୟ ଆଜି ମଧ୍ୟ ସଂସଦୀୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଥାଏ ।

ଆଦିବାସୀମାନଙ୍କ ଜଙ୍ଗଲ ସୁରକ୍ଷା ପାଇଁ ଆସିଥିବା ପେସା ଆଇନକୁ ଗୃହୀତ କରାଇବାରେ ଶ୍ରୀକାନ୍ତ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଦେବେଗୌଡାଙ୍କର ସଂସଦୀୟ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ ।

ଜନତା ଦଳରେ ଥିବା ସମୟରେ ସାମ୍ପ୍ରଦାୟିକ ଓ ସାମାଜିକ ନ୍ୟାୟର ପରିପନ୍ଥୀ ଥିବାରୁ ଶ୍ରୀକାନ୍ତ ଜେନା ଅଟଳ ବିହାରୀ ବାଜପେୟୀ ଏବଂ ପ୍ରମୋଦ ମହାଜନଙ୍କ ବିଜେପି କି ମ୍ବା ବିଜେପିର ସହଯୋଗୀ ଭାବେ ମିଶିବାକୁ ସ୍ପଷ୍ଟ ମନା କରିଥିଲେ ।

ମନମୋହନ ସିଂ ସରକାରରେ ଜାତି ଜନଗଣନା ସପକ୍ଷରେ ବୀରାପ୍ପା ମୋଇଲି, ସିଦ୍ଧରାମାୟ ଏବଂ ଶ୍ରୀକାନ୍ତ ଜେନା ମତ ରଖିଥିଲେ । ପରବର୍ତ୍ତୀ ସମୟରେ ଏସଇସିସି ସର୍ଭେ ମଧ୍ୟ କରାଯାଇଥିଲା ।

୨୦୧୪ରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଥିବା ବେଳେ ପଛୁଆବର୍ଗଙ୍କୁ ଶିକ୍ଷା ଓ ଚାକିରୀରେ ୨୭% ସଂରକ୍ଷଣ ଦିଆଯିବା ନେଇ ମତ ରଖିବା ସହ ଏହାକୁ ଦଳୀୟ ଇସ୍ତାହାରରେ ସାମିଲ କରାଇଥିଲେ ।


୨୦୧୮ରେ କଂଗ୍ରେସ ଆଗାମୀ ଦିନରେ ସରକାରକୁ ଆସିଥିଲେ ପଛୁଆବର୍ଗ, ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ବର୍ଗରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଦୁଇ ବର୍ଗରୁ ଦୁଇ ଉପ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ପ୍ରସ୍ତାବ ରଖିଥିଲେ । ଏହାକୁ ତତ୍କାଳୀନ ରାଜ୍ୟ ନେତୃତ୍ୱ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ସିଏଲପି ମୁଖ୍ୟ ନରସିଂହ ମିଶ୍ର ବିରୋଧ କରିବା ସହ ଏହା ଦଳ ବିରୋଧୀ କହି ଶ୍ରୀକାନ୍ତଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ଶ୍ରୀ ଜେନା କଂଗ୍ରେସରୁ ପ୍ରାୟ ୫ ବର୍ଷ ନିର୍ବାସିତ ହୋଇ ରହିଥିଲେ ।

ନିକଟରେ ଶ୍ରୀ ଜେନା ରାଜ୍ୟରେ ଏସସି, ଏସଟି ଓ ସଂଖ୍ୟାଲଘୁ କମିଶନ ଗଠନ ନେଇ ଦାବି କରିଛନ୍ତି ।

## ରଣେନ୍ଦ୍ର ପ୍ରତାପ ସ୍ୱାଇଁ

୧୯୯୦ ମଣ୍ଡଳ କମିଶନ ଲାଗୁ ଘୋଷଣା ପରେ ଜନତା ଦଳ ବିଧାୟକମାନଙ୍କ ମଧ୍ୟରେ ତାଙ୍କର ବଡ଼ ସ୍ୱରଥିଲା। ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତଙ୍କ ଏକାନ୍ତ ଅନୁଗତ ଭାବେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଭାଗବତ ବେହେରା, ହରିଶ୍ଚନ୍ଦ୍ର ବକ୍ସିପାତ୍ର, ଅର୍ଜ୍ଜୁନ ସେଠୀଙ୍କ ସହ ମିଶି ଏକାଧିକ ମୁଲତବୀ ପ୍ରସ୍ତାବରେ ଆଲୋଚନା





ବା ସହ ବିଧାନସଭା ଭିତରେ ଓ ବାହାରେ ମଣ୍ଡଳ କମିଶନ ଲାଗୁ ର ଧାରଣା ଦେଇଥିଲେ। ବିଜୁବାବୁ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ନମନ୍ତ୍ରୀ ନରସିଂହ ମିଶ୍ର ଓ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ର ସୁପ୍ରିମ୍ ର୍ଟ ଯିବାପରେ ତା' ବିପକ୍ଷରେ ମାମଲା ଦାଖଲ ପାଇଁ ରାଜା ସ୍ୱାଇଁ ର୍ଟର ଦ୍ୱାରସ୍ଥ ହୋଇଥିଲେ। ଥରେ ବିଜୁବାବୁ ରାଗିକି ରଣେନ୍ଦ୍ର ପ୍ରତାପ ଙ୍କୁ କହିଥିଲେ- "ତୁ କାହିଁକି ଏମିତି ଗୁଣ୍ଡାଭଳି ହେଉଛୁ-କଦଳୀ ଗଛ... ର ଜିତିବୁ ତା' ପରେ ଘରେ ବସିବୁ ।"

ନବେ ଦଶକରେ ଏକ ବିଶାଳ ଛାତ୍ର ସମାବେଶ ଭୁବନେଶ୍ୱରଠାରେ ଇଥିଲା। ଯାହାର ନେତୃତ୍ୱ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନେଇଥିଲେ। ତେବେଳେ ତାଙ୍କୁ ସହଯୋଗ କରିବା ପାଇଁ ଅରୁଣ ସାହୁ, ବଦ୍ରି ମହାନ୍ତି, ୟ ମଲ୍ଲିକ, ପଞ୍ଚାନନ ପ୍ରଧାନ, ଅବଦୁଲ ୱାଲି, ଗୋପିନାଥ ବାରିକ ଖ ଆଗେଇ ଆସିଥିଲେ। ୨୦୦୮ ମସିହା ପର୍ଯ୍ୟନ୍ତ ପଛୁଆବର୍ଗଙ୍କୁ % ସଂରକ୍ଷଣ ଚାକିରୀରେ ପ୍ରଦାନ କରାଯାଉଥିଲା। ଏହାପରେ

ସ୍ୱାଇଁ, ଅରୁଣ ସାହୁଙ୍କୁ ବିରୋଧ। ୨୦୨୪ ନିର୍ବାଚନ ପୂର୍ବରୁ ପଛୁଆବର୍ଗଙ୍କ ଆର୍ଥିକ ଓ ଶୈକ୍ଷିକ ସର୍ଭେକ୍ଷଣର ଶୈଳୀକୁ ନେଇ ରାଜା ସ୍ୱାଇଁ ସରକାରଙ୍କ ଆଭିମୁଖ୍ୟକୁ ପ୍ରଶ୍ନ କରିଥିଲେ। ବିଜେଡିର ଓବିସି ବୈଠକରେ ଖୋଲାଖୋଲି ବବି-ପାଣ୍ଡିଆନ-ନବୀନଙ୍କ ଆଭିମୁଖ୍ୟ ଭୁଲ୍ ଥିଲା ବୋଲି କହିଥିଲେ।

କିଛିଦିନ ତଳେ ନବୀନଙ୍କୁ ଚିଠି ଲେଖି ଦଳରେ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁଙ୍କ ଅନୁପାତରେ ଦଳୀୟ ପଦପଦବୀ ଦେବା ପାଇଁ ଅନୁରୋଧ କରିଥିଲେ। ୧୯୯୦ ପରଠାରୁ ସର୍ବାଧିକ ବେସରକାରୀ ବିଲ୍ ଆଣି ସାମାଜିକ ନ୍ୟାୟ କଥାକୁ ଉପସ୍ଥାପିତ କରିଥିଲେ । ନିକଟରେ ରଣେନ୍ଦ୍ର ରାଜ୍ୟରେ ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ କମିଶନ ଗଠନ ନେଇ ସରକାରଙ୍କୁ ଦାବି ଜଣାଇଛନ୍ତି। ଜନତାଦଳ ସରକାରଙ୍କ ଅମଳରେ ପାସ ହୋଇଥିବା ପେସା ଆଇନ୍ ଲାଗୁ ନେଇ ସେ ଦୃଢ଼ ଦାବି କରିଛନ୍ତି।

# ବର୍ଗଙ୍କ
# କ୍‌ର ଲଢ଼େଇ




ନଗତ ବାଧା ଓ ପ୍ରଶାସନିକ ସ୍ଥାଣୁତା ଯୋଗୁ ସମ୍ଭବ ହୋଇନଥିଲା। ର ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ରାଜ୍ୟସରକାର ମକୋର୍ଟରେ ଏସଏଲପି ଦାଖଲ କରିନଥିଲେ। ଯାହାଦ୍ୱାରା ୨୦୦୮ ରୁ ଏଯାବତ୍ ପଛୁଆବର୍ଗ ଶିକ୍ଷା ଓ ଚାକିରୀରେ ୨୭% ସଂରକ୍ଷଣ ପାଇନାରୁନାହାନ୍ତି। ୨୦୧୧ ଜନଗଣନା ପୂର୍ବରୁ ନିଜର ସଂଗଠକ ବାଗେଶ୍ୱର ପ୍ରଧାନ, ଗୋପୀନାଥ ବାରିକ ଆଦିଙ୍କୁ ଧରି ନୂଆଦିଲ୍ଲୀରେ ଜାତି ଜନଗଣନା ଆ ନ୍ଦୋ ଳ ନ ରେ ଯୋଗଦାନ ।

୨୦୨୨ରେ ପଞ୍ଚାୟତ ଭୋଟ ସଂରକ୍ଷଣ ବେଳେ ଓବିସି ପାଇଁ ଦଳ ଭିତରେ ରା ଜା



## ଅରୁଣ ସାହୁ

୧୯୯୦ର ମଣ୍ଡଳ କମିଶନ ଆନ୍ଦୋଳନ ବେଳେ ଅରୁଣ ସାହୁ ଥିଲେ ବାଣୀବିହାର ଛାତ୍ର ସଂସଦ ସଭାପତି । ପରେ ସେ ଏସଏଫଆଇ ଛାଡ଼ି ଜନତା ଦଳରେ ଯୋଗ ଦେଇଥିଲେ। ଓଡ଼ିଶା ପଛୁଆ ବର୍ଗ ସାମ୍ମୁଖ୍ୟର ଆବାହକ ଭାବେ ସେ ପଛୁଆ ବର୍ଗଙ୍କ ହକ୍ ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ସେହି ସମୟରେ ସାମ୍ମୁଖ୍ୟର ବୈଠକରେ ତତ୍କାଳୀନ ମନ୍ତ୍ରୀ ଭାଗବତ ବେହେରା ଓ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଯୋଗ ଦେଇଥିବାରୁ ବିଜୁବାବୁଙ୍କ ରୋଷର ଶି କା ର




ହେବାକୁ ପଡ଼ିଥିଲା। ୨୦୦୪-୦୯ରେ ବିଧାୟକ ଥିବା ସମୟରେ ବିଧାନସଭାରେ ଜୋରଦାର ଆଲୋଚନା କରିଥିଲେ। ୨୦୧୭ରେ ସେ ଥିଲେ ପଞ୍ଚାୟତିରାଜ ମନ୍ତ୍ରୀ। ତାଙ୍କ ସମୟରେ ଓବିସି ସଂରକ୍ଷଣ ଥାଇ ପଞ୍ଚାୟତ ନିର୍ବାଚନ ହୋଇଥିଲା। ୨୦୨୪ରେ ବିଜେଡ଼ି ସରକାର ଯିବା ପରେ ଅରୁଣ ଏବେ ବିଧାନସଭା ଓ ଗଣମାଧ୍ୟମରେ ସାମାଜିକ ନ୍ୟାୟର ଅଗ୍ରଣୀ ସ୍ୱର ପାଲଟିଛନ୍ତି। କିଛିମାସ ତଳେ ବିଜେଡ଼ି ବି ତାଙ୍କୁ ପଛୁଆ ବର୍ଗ ସାମ୍ମୁଖ୍ୟର ଦାୟିତ୍ୱ ପ୍ରଦାନ କରିଛନ୍ତି। ଆଜିକାଲି ସେ ପ୍ରାୟତଃ ପ୍ରତି ସଭାରେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦେଖିବାକୁ ମିଳୁଛି।

## ଧର୍ମେନ୍ଦ୍ର ପ୍ରଧାନ

୨୦୧୯ ଜୁଲାଇ ୨୫ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନରେ ଓବିସି ଏବଂ ଏସଇବିସି ବର୍ଗଙ୍କ ପାଇଁ ଅନୁମୋଦିତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଅନୁରୋଧ କରିଥିଲେ। ୨୦୨୦ ଜାନୁଆରୀ ୧୫ରେ ରାଜ୍ୟରେ ଓବିସି କମିଶନ ଗଠନ ପାଇଁ ଅନୁରୋଧ କରିବା ସହ ଏସଇବିସି ଏବଂ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ପ୍ରଦାନ କରିବାକୁ ପଛୁଆ ବର୍ଗ ସର୍ଭେ କରିବା ପାଇଁ ଅନୁରୋଧ କରିଥିଲେ ।

୨୦୨୦ ଫେବୃଆରୀ ୧୨ରେ ପଛୁଆ ବର୍ଗଙ୍କ ପାଇଁ ଓଡ଼ିଶା ରାଜ୍ୟ ଅନଗ୍ରସର ଶ୍ରେଣୀ ଆୟୋଗ ପ୍ରତିଷ୍ଠା ହୋଇଥିଲା । ୪ ମାର୍ଚ୍ଚ ୨୦୨୧ରେ ଧର୍ମେନ୍ଦ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟରେ ସରକାରୀ ଚାକିରି ଏବଂ ଶିକ୍ଷାନୁଷ୍ଠାନରେ ଓବିସି ଏବଂ ଏସଇବିସି ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଅନୁରୋଧ କରିଥିଲେ । ୨୫ ସେପ୍ଟେମ୍ବର ୨୦୨୧ରେ ଓଡ଼ିଶା ସରକାର ଓଡ଼ିଶା ପଞ୍ଚାୟତ ଆଇନ(ସଂଶୋଧିତ) ଅଧିନିୟମ, ୨୦୨୧ ଏବଂ ଓଡ଼ିଶା ମୁନିସିପାଲ କର୍ପୋରେସନ ଆକ୍ଟ ଏବଂ ଓଡ଼ିଶା ମ୍ୟୁନିସପାଲ ଲ'ର ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହି ବିଜ୍ଞପ୍ତିରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଏସସି, ଏସଟି ଓ ଓବିସି ବର୍ଗଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣର ନିର୍ଦ୍ଧାରଣ କରାଯାଇଥିଲା। ସେହିବର୍ଷ ଡିସେମ୍ବର ୨୯ରେ ଓଡ଼ିଶାର ବିଜେପି ବିଧାୟକମାନେ ରାଜ୍ୟପାଳଙ୍କୁ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଓବିସି ବର୍ଗଙ୍କୁ ପାଇଁ ୨୭% ସଂରକ୍ଷଣ ରଖି ନିର୍ବାଚନ କରିବା ପାଇଁ ପତ୍ର ଲେଖିଥିଲେ। ରାଜ୍ୟ ନିର୍ବାଚନ କମିଶନରଙ୍କୁ ମଧ୍ୟ ପତ୍ର ଲେଖାଯାଇଥିଲା । ଚଳିତ ବର୍ଷ ନଭେମ୍ବର ୨୩ରେ ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାରେ ଥିବା ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକ ହଳଦିଆ ତେଲି ଏବଂ ରାଜଶ୍ରୀ ବଳାସୀ/ବଳାସୀ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଆହିରଙ୍କୁ ଚିଠି ଲେଖାଯାଇଥିଲା। ପରେ ଧର୍ମେନ୍ଦ୍ର ଏସଇବିସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି) ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିବା ସହ ଓଡ଼ିଶାର ୧୦୮ଟି ଏସଇବିସି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କୁ ଚିଠି ଲେଖିଲେ ।



# ନୀତିନ ନବୀନଙ୍କ ପାଇଁ ଆହ୍ୱାନ

ବାପା ନବୀନ କିଶୋର ପ୍ରସାଦ ସିହ୍ନାଙ୍କ ମୃତ୍ୟୁ ପରେ ୨୬ ବର୍ଷ ବୟସରେ ବିଧାୟକ ହୋଇଥିଲେ ନୀତିନ ନବୀନ। ବିହାରରେ ସେ ଥିଲେ ଲୋପ୍ରୋଫାଇଲ୍ ନେତା। ହେଲେ ୨୦୨୩ରେ ତାଙ୍କର ଉତ୍ତରଣ ଆରମ୍ଭ ହୋଇଥିଲା। ଛତିଶଗଡ଼ ବିଧାନସଭା ନିର୍ବାଚନର ସହପ୍ରଭାରୀ ଭାବେ ଥିବା ନୀତିନ ସେଠାରେ ଦଳକୁ ସଫଳତା ଦେଇଥିଲେ। ଯାହାକି ମୋଦି-ଶାହଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୨୦୨୪ରେ ଛତିଶଗଡ଼ ଲୋକସଭା ନିର୍ବାଚନର ଭାର ତାଙ୍କ କାନ୍ଧରେ ପଡ଼ିଥିଲା। ନିର୍ବାଚନରେ ୧୧ରୁ ୧୦ ଆସନ ଜିତାଇଥିଲେ। ବିଜେପି ଅଳିନ୍ଦରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ମୋଦି-ଶାହ ଯେଉଁସବୁ ନେତାମାନଙ୍କ ନାମ ସର୍ଟଲିଷ୍ଟ କରିଥିଲେ ତାହା ଆରଏସଏସର ପସନ୍ଦ ହେଲାନାହିଁ। ତେଣୁ ଶାହ ହିଁ ନବୀନଙ୍କୁ ଚୟନ କରିଥିଲେ। ସଂଘ ପକ୍ଷରୁ ବି ଗ୍ରୀନ ସିଗନାଲ୍ ମିଳିଗଲା। ଆଗାମୀ ଦିନରେ ନୀତିନ ନବୀନଙ୍କୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ।

## ବୟସ

ନବୀନଙ୍କ ପାଇଁ ଚ୍ୟାଲେଞ୍ଜ ହେଉଛି ତାଙ୍କର ବୟସ। ନୀତିନ ଗଡ଼କରୀଙ୍କ ପରେ ସେ ସର୍ବକନିଷ୍ଠ ବିଜେପି ସଭାପତି ହେବେ। ତେବେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କଥା ହେଉ ଅବା କେନ୍ଦ୍ରମନ୍ତ୍ରୀ, ଅଧିକାଂଶ ତାଙ୍କ ଠାରୁ ବହୁ ବରିଷ୍ଠ ଓ ଅନୁଭବୀ। କେତେକଙ୍କ ମତରେ ଯେହେତୁ ମୋଦି-ଶାହ ହିଁ ସବୁ କିଛି ପରିଚାଳନା କରିବେ ତାହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ ନାହିଁ।

## ପୂର୍ବ ଭାରତ ଉପରେ ଆଖି

ଅତୀତରେ ବିଜେପିର ଯେଉଁସବୁ ସଭାପତି ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମ ଭାରତ, ଉତ୍ତର ଭାରତ ନଚେତ୍ କେନ୍ଦ୍ରୀୟ ଭାରତର। ବିଜେପି ଓ ସଂଘ ଏବେ ପୂର୍ବ ଭାରତ ଉପରେ ଫୋକସ କରୁଥିବାରୁ ବିହାର ନେତାଙ୍କୁ ହିଁ ସୁଯୋଗ ଦେଇଛନ୍ତି। ଏମିତିକି ଓଡ଼ିଶା ନେତା ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ରେସ୍‌ରେ ରହିଥିଲେ। ବିଜେପିର ଟାର୍ଗେଟ୍ ଏବେ ପଶ୍ଚିମବଙ୍ଗ । ନବୀନ ବଙ୍ଗାଳୀରେ ଭଲ କହିପାରନ୍ତି। ତେଣୁ ପଶ୍ଚିମବଙ୍ଗ ନିର୍ବାଚନ ବି ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ।

## ବଦଳିବ କି ବିଜେପି ଢାଞ୍ଚା

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ହିଁ ବିଜେପିରେ ନରେନ୍ଦ୍ର ମୋଦି-ଅମିତ ଶାହଙ୍କ ରାଜ୍ କାଏମ ରହିଛି। ୨୦୧୪ରୁ ଏଯାବତ୍ ଯିଏ ବି ଦଳର ମଙ୍ଗ ଧରିଛନ୍ତି ସମସ୍ତେ ମୋଦି-ଶାହଙ୍କ ଯୋଜନାକୁ ହିଁ କାର୍ଯ୍ୟକାରୀ କରିଛନ୍ତି। ଏବେ ନୀତିନ ନବୀନ ସମାନ ଫର୍ମାଟ୍‌ରେ ଯିବେ ନା କିଛି ପରିବର୍ତ୍ତନ କରିବେ ତାହାକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେବା ସ୍ୱାଭାବିକ। ତେବେ ବାସ୍ତବତା ହେଉଛି ଶାହ ଚାହିଁଲେ ବୋଲି ନୀତିନ ନବୀନ ସଭାପତି ହୋଇଛନ୍ତି। ଅବଶ୍ୟ



ସମ୍ପ୍ରତି ସଂଘର ଦବଦବା ପୂର୍ବାପେକ୍ଷା ବଢ଼ିବାରେ ଲାଗିଛି। ଯେଉଁଥିପାଇଁ ନୂଆ ସଭାପତି ଚୟନ ପାଇଁ ଅନେକ ସମୟ ଲାଗି ଯାଇଥିଲା। ଆଗାମୀ ଦିନରେ ବିଜେପିକୁ ଶକ୍ତିଶାଳୀ କରିବା ପାଇଁ ୫୦ରୁ କମ୍ ବୟସର ନେତାଙ୍କୁ ଅଧିକ ସୁଯୋଗ ଦେବବୋଲି ଜାଣିବାକୁ ମିଳିଛି।

# ଗଣେଶ୍ୱରଙ୍କ ଲାଭରେ କାହାର କ୍ଷତି?

**କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡସିଂହ**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ ପଟକୁ ବହୁଥିଲା ରାଜନୈତିକ ପାଣିପାଗର ଉତ୍ତରା ପବନ। ସେତେବେଳେ କୁହାଯାଉଥିଲା ଦୀର୍ଘ ଚବିଶ ବର୍ଷର ନିରଙ୍କୁଶ କ୍ଷମତାରେ ଥିବାରୁ ବିଜୁ ଜନତା ଦଳ ବିରୋଧରେ କେବଳ ଅଣ୍ଡର କରେଣ୍ଟ ଛଡ଼ା ଆଉ କିଛି ନକରାତ୍ମକ ଶକ୍ତି ନଥିଲା। କିନ୍ତୁ ସବୁଦିଗରୁ ସୁବିଧାଜନକ ସ୍ଥିତିରେ ଥିଲେ ବି ଗତ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଚୟନରେ କୁହନ୍ତୁ ଅବା ବିଧାୟକ ପ୍ରାର୍ଥୀ ଚୟନରେ, ନାନା ପରୀକ୍ଷା ନିରୀକ୍ଷା କରିଥିଲା ବିଜେଡ଼ି। ବୋଧହୁଏ ଏହି ପରୀକ୍ଷା ନିରୀକ୍ଷା ଦଳ ପାଇଁ ବୁମେରାଂ ହୋଇଥିଲା।

ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ପ୍ରାର୍ଥୀ ଚୟନରେ ଆମୂଳଚୂଳ ପରିବର୍ତ୍ତନ କରିଥିଲେ ଶୀର୍ଷ ନେତୃବୃନ୍ଦ। ଅବଶ୍ୟ ଏଥିରେ ଅନେକାଂଶରେ ସଫଳ ହୋଇଥିଲେ ବି କେନ୍ଦ୍ରାପଡ଼ା ସାଂସଦ ଚୌକି ବିଜେଡ଼ି ଦଳ ହାତରୁ ଖସିଯାଇଛି। ତେବେ ଆଉ ଟିକେ ଅତୀତକୁ ଯାଇ ଯଦି ଅନୁଶୀଳନ କରାଯାଏ ତେବେ ଏକଦା ବିଜୟ ମହାପାତ୍ରଙ୍କୁ ବି ଚାଣକ୍ୟ କୁହାଯାଉଥିଲା। କିନ୍ତୁ ପ୍ୟାରୀଙ୍କ ଗୋଟିଚାଳନାରେ ବିଜୟଙ୍କ ରାଜନୀତିକ କ୍ୟାରିୟର ବ୍ୟାକଫୁଟକୁ ଚାଲି ଯାଇଥିଲା। ବିଜୟଙ୍କୁ ହରାଇବା ପରେ ଅତନୁ ସବ୍ୟସାଚୀଙ୍କ ଦବଦବା ବଢ଼ି ଯାଇଥିଲା। ଖାଲି ପାଟକୁରା କି ମହାକାଳପଡ଼ା ନୁହେଁ, କେନ୍ଦ୍ରାପଡ଼ାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବି ଅତନୁ



ଦବଦବା ଜାହିର କରୁଥିଲେ। ତେବେ ଗତ ସାଧାରଣ ନିର୍ବାଚନରେ ବାଜି ପଲଟି ଯାଇଥିଲା। ଅତନୁ ସବ୍ୟସାଚୀ ଅନ୍ୟ ନିର୍ବାଚନ ମଣ୍ଡଳୀରେ ମାମଲତକାର କରୁଥିବାରୁ ତାହାକୁ ସହଜରେ ଗ୍ରହଣ କରିପାରୁନଥିଲେ ବିଜୁ ଯୁବ ଜନତା ଦଳର ପୂର୍ବତନ ସାଧାରଣ ସମ୍ପାଦକ ରାଜେଶ ଦାସ। ଏଥିରେ ରୋକ୍ ଲଗାଇବାକୁ ସେ ଆରମ୍ଭ କରିଥିଲେ ଅଙ୍କକଷା । ତେବେ ସେ ସହଜରେ ବୁଝିଯାଉଥିଲେଯେ, ଶୀର୍ଷ ନେତୃତ୍ୱଙ୍କ ଗୁଡ୍‌ବୁକ୍‌ରୁ ପ୍ରଥମେ ଅତନଙ୍କୁ ହଟାଇବାକୁ ପଡ଼ିବ।

ଏହାର ଏକ ସରଳ ସୂତ୍ର ହେଉଛି ଯାହାଙ୍କ ପାଇଁ ଅତନୁ ଶୀର୍ଷ ନେତୃତ୍ୱଙ୍କ ଗୁଡ଼ବୁକ୍‌ରେ ରହିଛନ୍ତି ଅର୍ଥାତ୍ ଯାହାଙ୍କୁ ଅତନୁ ବାରମ୍ବାର ମାତ୍ ଦେଉଥିବାରୁ ଦଳରେ ତାଙ୍କର କାଟତି ବଢ଼ି ବଢ଼ି ଚାଲିଛି ପ୍ରଥମେ ତାଙ୍କୁ ଦଳରେ ମିଶାଇବା ପାଇଁ ପଡ଼ିବ। ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ରାଜେଶ ଆରମ୍ଭ କରିଦେଇଥିଲେ ଗୋଟିଚାଳନା। ସୂତ୍ର ଅନୁସାରେ ରାଜେଶ ପ୍ରଥମେ ବିଜୟଙ୍କୁ ହିଁ ବିଜୁ ଜନତା ଦଳକୁ ଆସିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିଜୟ ଏହି ପ୍ରସ୍ତାବକୁ ରୋକ୍‌ଠୋକ୍ ପ୍ରତ୍ୟାଖାନ କରିଦେଇଥିଲେ। ପରେ ପୁତ୍ର ଅରବିନ୍ଦ ମହାପାତ୍ରଙ୍କୁ ରାଜନୀତି ମୈଦାନକୁ ଛାଡ଼ିବା ପାଇଁ ବିଜୟଙ୍କୁ ପ୍ରଥମେ ରାଜେଶ ହିଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିଜୟ ରୋକ୍ ଠୋକ୍ କହିଥିଲେଯେ, ସେ ନିଷ୍ପତ୍ତି ଅରବିନ୍ଦ ନିଜେ ନେଉ। ତେବେ ପ୍ରଥମେ ପ୍ରଥମେ ରାଜନୀତିକୁ ଆସିବାକୁ ଅରବିନ୍ଦ ଅମଙ୍ଗ ହେଉଥିଲେ। କିନ୍ତୁ ବିଜୟ ମହାପାତ୍ରଙ୍କ ସମର୍ଥକମାନଙ୍କ ଦ୍ୱାରା ଉଭୟ ପିତା ବିଜୟ ଓ ପୁତ୍ର ଅରବିନ୍ଦଙ୍କୁ ମନାଇବାରେ ସଫଳ ହୋଇପାରିଥିଲେ ରାଜେଶ ଦାସ। ରାଜେଶଙ୍କ ପ୍ରସ୍ତାବରେ ବରିଷ୍ଠ ବିଜୟ ସମ୍ମତି ଜଣାଇବାର ମୁଖ୍ୟ କାରଣ ହେଉଛି ସେ ଭଲଭାବେ ଜାଣିଥିଲେଯେ, ରାଜେଶ ଦାସ ହେଉଛନ୍ତି ଜଣେ ଭଲ ସଂଗଠକ। ଦଳୀୟ ସମର୍ଥକ ବାଦ୍ ରାଜେଶଙ୍କ ନିଜସ୍ୱ ସଂଗଠନ ମଧ୍ୟ ବେଶ୍ ସୃଦୃଢ଼। ତା'ଛଡା ପାଟକୁରା ନିର୍ବାଚନ ମଣ୍ଡଳୀରେ ମଧ୍ୟ ରାଜେଶଙ୍କ ସଂଗଠନ ରହିଛି। ଏଭଳି ସ୍ଥିତିରେ ପୁଅଙ୍କୁ ରାଜନୈତିକ ମୈଦାନକୁ ଡେବ୍ୟୁ କରିବାର ଭଲ ସୁଯୋଗକୁ ବିଜୟ ହାତଛଡ଼ା କରିନଥିଲେ।

ଅପରପକ୍ଷରେ ରାଜେଶଙ୍କ ଚେର କାଟିବାକୁ ଅତନୁ ବି ଉଦ୍ୟମ ଆରମ୍ଭ କରିଦେଇଥିଲେ । ଅତନୁ ଜାଣିବାକୁ ପାଇଥିଲେଯେ, କେନ୍ଦ୍ରାପଡ଼ା ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ହେବାପାଇଁ ସବୁଠୁ ଅଧିକ ଦାବିଦାର ହେଉଛନ୍ତି ରାଜେଶ ଦାସ । କେବଳ ଦାବିଦାର ନୁହଁନ୍ତି ଯେହେତୁ ବିଜୟ ମହାପାତ୍ର ବା ତାଙ୍କ ପୁତ୍ର ଅରବିନ୍ଦଙ୍କୁ ସେ ଦଳରେ ମିଶାଇବା ସଫଳ ହୋଇଛନ୍ତି ଉପହାର ସ୍ୱରୂପ ଏକପ୍ରକାର ଅଘୋଷିତ ଭାବେ ତାଙ୍କ ନାମରେ ମୋହର ବାଜି ସାରିଛି ବୋଲି ଅତନୁଙ୍କ ପାଖରେ ଖବର ପହଞ୍ଚି ଯାଇଥିଲା । ଏକଥା ଜାଣିବା ପରେ ଅତନୁ ଗୋଟି ଚଳାଇଥିଲେ। କେନ୍ଦ୍ରାପଡ଼ା ସଦର ନିର୍ବାଚନ ମଣ୍ଡଳୀରେ ଯଦି ଯଦି ଗଣେଶ୍ୱର ବେହେରାଙ୍କୁ ବିଜୁ ଜନତା ଦଳରେ ମିଶାଇ ଦିଆଯାଏ ତେବେ ଅନ୍ୟ ଆଶୀୟ ବିଧାୟକ ପ୍ରାର୍ଥୀମାନଙ୍କୁ ଟିକେଟ ମିଳିବା ଅସମ୍ଭବ । କାରଣ ବୁଥ୍‌ସ୍ତର ଯାଏଁ ସମସ୍ତେ ଅବଗତ ଅଛନ୍ତିଯେ, ଗଣେଶ୍ୱରଙ୍କ ନିଜସ୍ୱ ପକେଟ ଭୋଟ୍ ଅଛି । ସୂତ୍ର ଅନୁସାରେ ଶେଷରେ ପ୍ରତାପ ଦେବଙ୍କ ସହଯୋଗରେ ଗଣେଶଙ୍କୁ ଦଳକୁ ଆଣିବାକୁ ସଫଳ ହୋଇଥିଲେ ଅତନୁ । ତେଣୁ ଅତନୁ ଓ ପ୍ରତାପଙ୍କ ଠାରୁ ପ୍ରସ୍ତାବ ପାଇବା ପରେ ସେ ମଧ୍ୟ ମନ ବଳାଇଥିଲେ ବିଜେଡ଼ିରେ ମିଶି ବିଧାନସଭାକୁ ଯିବାପାଇଁ । ସେ ମଧ୍ୟ ସର୍ତ୍ତ ରଖିଥିଲେଯେ, ତାଙ୍କୁ ବିଧାୟକ ଟିକେଟ ମିଳିବା ଦାୟିତ୍ୱ ପ୍ରତାପ ଓ ଅତନୁ ନିଅନ୍ତୁ ।

ତେବେ ବର୍ତ୍ତମାନ ତମାମ୍ ପ୍ରସଙ୍ଗ ବାହାରକୁ ଆସିବା ପରେ କ୍ଷମତା ଲଢେଇର ଏହି ପ୍ରକ୍ରିୟାରେ ଗଣେଶ୍ୱର ଲାଭାନିତ୍ୱ ହୋଇଥିବା ବେଳେ କିଏ ସବୁଠୁ ସହିଛି ଅଧିକ କ୍ଷତି? ଏହି ପ୍ରଶ୍ନ ଜିଲ୍ଲା ରାଜନୀତି ଆକାଶରେ ସବୁଠୁ ବଡ ପ୍ରଶ୍ନ ଭାବେ ଉଭା ହୋଇଛି।

# ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





# ଏକାଠି ହେଲେ କଂଗ୍ରେସ ଓ ବିଜେପି ହେଭିୱେଟ୍

ରାୟଗଡା ଜିଲ୍ଲାର ବର୍ଷୀୟାନ କଂଗ୍ରେସ ନେତା ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ଅନାବରଣ ପାଇଁ କଂଗ୍ରେସ ଓ ବିଜେପି ମୁହାଁମୁହିଁ ହୋଇଥିଲେ। ଶେଷରେ ପ୍ରଶାସନର ମଧ୍ୟସ୍ଥତାରେ ଏକ ନିଷ୍କର୍ଷରେ ପହଁଚି ଗତ ଡିସେମ୍ବର ୨୪ରେ ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ଯେଉଁଥିରେକି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ଭାଗେଲ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ ଲଲୁ, ପିସିସି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ରାଜ୍ୟର ଅନେକ କଂଗ୍ରେସ ବିଧାୟକଙ୍କ ସମେତ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ସାଂସଦ ସପ୍ତଗିରି ଉଲାକାଙ୍କ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣର କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

ସେପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ବିଜେପି ନେତା ତଥା ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପୁଅ ଶିବଶଙ୍କର ଉଲାକା, କାଳିରାମ ମାଝି, ବସନ୍ତ ଉଲାକା, ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ରାଜନେତା ଏନ. ଭାସ୍କର ରାଓ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଉପୁଜିଥିବା ବିବାଦ ପାଇଁ ଚିନ୍ତାରେ ଥିଲା ପ୍ରଶାସନ। ତେବେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକରେ ବିବାଦର ଅନ୍ତ ଘଟିଥିଲା। ଜାତୀୟ ରାଜପଥ କଡରେ ସ୍ଥାପନା ବଦଳରେ ଓଏମପି ନିକଟସ୍ଥ ମୁକ୍ତା ପାର୍କ ଠାରେ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବରିଷ୍ଠ ବିଜେପି ନେତା ତଥା ସ୍ୱର୍ଗତ ଉଲାକାଙ୍କ ପୁଅ ଶିବଶଙ୍କର ଉଲାକା, କାଳୀରାମ ମାଝି, ବସନ୍ତ ଉଲାକା ଓ ଜିଲା ସଭାପତି ଗୋପୀଆନନ୍ଦ ମତ ପ୍ରକାଶ କରିଥିଲେ। ଜାତୀୟ ରାଜପଥ କଡରେ କୌଣସି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିୟମ ନଥିବାବେଳେ ଗଜପତି ଛକରେ କଂଗ୍ରେସ ଚିହ୍ନଟ କରିଥିବା ଜାଗା ପାଇଁ କୌଣସି ଅନୁମତି ନେଇନାହିଁ। କଂଗ୍ରେସ ରାଜନୈତିକ ଉଦ୍ଦେଶ୍ୟରେ ଏଭଳି କରି ସ୍ୱର୍ଗତ ଉଲାକାଙ୍କ ପ୍ରତି ଅପମାନ କରୁଛି ବୋଲି ଶିବ ଉଲାକା ଯୁକ୍ତି ବାଢ଼ିଥିଲେ। ଏନେଇ କିଛି ନେତାଙ୍କ ମଧ୍ୟରେ କଥା କଟାକଟି ହେବା ସହ ବିବାଦର ଯବନିକା ପଡ଼ିଥିଲା।

**ରାୟଗଡ଼ାରୁ ଟି, ଅଶୋକ କୁମାର**

# ଜଗନ୍ନାଥଙ୍କୁ ବିଜେପିର ଅଣଦେଖା!




ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବାର ୧୮ ମାସ ବିତିଲାଣି। ସଂଗଠନ ସୁଦୃଢ଼ ପାଇଁ ଦଳ ହରଦମ୍ ପ୍ରୟାସ କରୁଛି । ମନମୋହନ ସାମଲ ରାଜ୍ୟ ସଭାପତି ଭାବେ ପୁଣି ଦାୟିତ୍ୱ ନେବା ପରେ ରାଜ୍ୟ ସଂଗଠନ କର୍ମକର୍ତ୍ତା ଚୟନ ସହ ଜିଲ୍ଲା ସଭାପତି ମଧ୍ୟ ନିଯୁକ୍ତି ସରିଲାଣି । ରାଜ୍ୟର ବିଭିନ୍ନ ସାଂଗଠନିକ ଜିଲ୍ଲା ପାଇଁ ପ୍ରଭାରୀ ମଧ୍ୟ ନିଯୁକ୍ତି ହୋଇ ସାରିଛନ୍ତି । ପ୍ରଭାରୀମାନେ ଜିଲ୍ଲା ଗସ୍ତ କରି ସାଂଗଠନିକ ବୈଠକ କରୁଥିବାବେଳେ ରାଜ୍ୟ ବିଜେପି ତଥା କେନ୍ଦ୍ରୀୟ ବିଜେପିର ଫୋକସରେ ରହିଛି କୋରାପୁଟ ଲୋକସଭାର ରାୟଗଡ଼ା ଓ କୋରାପୁଟ ଜିଲ୍ଲା । କିନ୍ତୁ ଜିଲ୍ଲାସ୍ତରୀୟ ସାଂଗଠନିକ କାର୍ଯ୍ୟ କିନ୍ତୁ ବାଟବଣା ଭଳି ଲାଗୁଛି । ଜିଲ୍ଲା ପ୍ରଭାରୀ ନିଯୁକ୍ତି ପରେ ରାୟଗଡା ଜିଲ୍ଲାକୁ ଗସ୍ତ କରିଥିଲେ ପାରଳାଖେମୁଣ୍ଡିର ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି କେ. ନାରାୟଣ ରାଓ । ଶ୍ରୀ ରାଓ ରାୟଗଡା ଜିଲ୍ଲା ପାଇଁ ପ୍ରଭାରୀ ନିଯୁକ୍ତି ପରେ ତାଙ୍କୁ ରାୟଗଡାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ରାୟଗଡା ଜିଲ୍ଲାରେ ରାୟଗଡା, ବିଷମକଟକ ଓ ଗୁଣୁପୁର ନିର୍ବାଚନ ମଣ୍ଡଳୀ ରହିଛି । ଏବେ ତିନି ଆସନ କଂଗ୍ରେସ ହାତରେ । ବିଜେପି ସେଠାରେ ଦବଦବା ଜାହିର କରିବାକୁ ଉଦ୍ୟମ କରୁଥିବାବେଳେ କେଁ ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଭାରୀଙ୍କ ଆଗମନ ପୂର୍ବରୁ ଜିଲ୍ଲା ବିଜେପି ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । କିନ୍ତୁ ସେଥିରେ ଟିକିଏ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡା ଓ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା ଓ ତ୍ରିନାଥ ଗମାଙ୍ଗଙ୍କ ସମେତ ଦୁଇ ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ଉପସ୍ଥିତ ଥିଲେ । ହେଲେ ବିଷମ କଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁନ୍ଦ୍ରୁକାଙ୍କ ଅନୁପସ୍ଥିତ ଥିବାବେଳେ ଆଉ କିଛି ଆଗଧାଡ଼ିର କାର୍ଯ୍ୟକର୍ତ୍ତାଙ୍କୁ ଦେଖିବାକୁ ମିଳିନଥିଲା । ଏପରିକି ବ୍ୟାନରରେ ଗୁଣୁପୁର ଓ ରାୟଗଡା ବିଧାୟକ ପ୍ରାର୍ଥୀଙ୍କ ଫଟୋ ରହିଥିଲେବି ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ଫଟୋନଥିଲା । ଏପରିକି ଜିଲ୍ଲା ସଭାପତି ଗୋପୀ ଆନନ୍ଦଙ୍କ ଫଟୋ ସହ ଜିଲ୍ଲା ତଥା ରାଜ୍ୟସ୍ତରୀୟ ନେତା ଏବଂ ପୂର୍ବତନ ଜିଲ୍ଲା ସଭାପତି ଶିବ ଶଙ୍କର ଉଲାକାଙ୍କ ଫଟୋ ରହିଛି। ଗୋପୀ ଆନନ୍ଦଙ୍କ ପୂର୍ବରୁ ସଭାପତି ଥିବା ଶିବ ପଟ୍ଟନାୟକଙ୍କ ଫଟୋ ନଥିବାରୁ ସେ ଅସନ୍ତୋଷ ଥିବା କୁହାଯାଉଛି ।

ଗତ ୨୦୨୪ ସାଧାରଣ ନିର୍ବାଚନ ବେଳେ ତୃଣମୂଳ ସଂଗଠକ ଜଗନ୍ନାଥ ନୁନ୍ଦୃକା ବିଜେଡିରୁ ଇସ୍ତଫା ଦେଇ ବିଜେପି ଟିକେଟରେ ବିଷମକଟକ ନିର୍ବାଚନ ମଣ୍ଡଳୀରୁ ଲଢିଥିଲେ । ଯେଉଁଠିକି ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଲା । ଜଗନ୍ନାଥ ନୁନ୍ଦୃକା ରାୟଗଡା ଜିଲ୍ଲା ମୁନିଗୁଡ଼ା ବ୍ଲକ ଶରଧାପୁର୍ ଓ ଶିବପଦର ଗ୍ରାମ ପଞ୍ଚାୟତରୁ ଲଗାତାର ଭାବେ ଦୁଇ ଥର ସରପଞ୍ଚ ଓ ଦୁଇ ଥର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଏପରିକି ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପତ୍ନୀ ଦୁଃଖିନୀ ନୁନ୍ଦୃକାଙ୍କୁ ସମିତିସଭ୍ୟରେ ନିର୍ବାଚିତ କରାଇ ମୁନିଗୁଡ଼ା ପଞ୍ଚାୟତ ସମିତିର ଅଧକ୍ଷା କରାଇ ପାରିଛନ୍ତି । ଜଗନ୍ନାଥ ନୁନ୍ଦୃକାଙ୍କୁ ଦଳ ଗୁରୁତ୍ୱ ନଦେଲେ ରାୟଗଡ଼ା ବିଜେପିରେ ପଦ୍ମ ପାଖୁଡ଼ା ଖସିଯିବ ବୋଲି ଚର୍ଚ୍ଚା ହେଉଛି ।

ଓଡ଼ିଆ

# ୨୦୨୬ କାହା ମନରେ ଭରିବ ଖୁସି ?


**୨୦୨୫, ବିରୋଧୀଙ୍କ ପାଇଁ ଏକ ଅଶୁଭ ବର୍ଷ ଥିଲା । ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ଓ ବିହାରରେ କଂଗ୍ରେସ-ଆରଜେଡ଼ିର ମହାଗଠବନ୍ଧନ ପରାଜୟର ସାମ୍ନା କରିଥିଲେ । ଗାଏମୋଟ୍ ଦେଖିଲେ ବିଜେପି ନେତୃତ୍ୱାଧୀନ ଏନଡ଼ିଏ ୨-୦ରେ ବିରୋଧୀଙ୍କୁ ପରାସ୍ତ କରିଥିଲା । ତେବେ ୨୦୨୬ରେ ବିରୋଧୀଙ୍କ ପାଇଁ ସୁଯୋଗ ରହିଛି । ସେମାନେ ବିଜୟ ଟ୍ରାକକୁ ଫେରିପାରିବେ । ସେପଟେ ବିରୋଧୀଙ୍କ ଗଡ଼ରେ ଝଟକା ଦେବା ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବି ରଣନୀତି କରିବ । ୨୦୨୬ରେ ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ହେବ । ପଶ୍ଚିମବଙ୍ଗ, କେରଳ ଓ ତାମିଲନାଡୁ ଏବେ ବିରୋଧୀଙ୍କ ହାତରେ ରହିଛି । ୨୦୨୧ରେ ମୋଦି-ଶାହାଙ୍କ ସବୁ ଗେମ୍‌ପ୍ଲାନକୁ ଫେଲ୍ କରିଦେଇ ମମତା ବାନାର୍ଜୀ ବିଜୟର ଝଣ୍ଡା ଉଡ଼ାଇଥିଲେ । ସେପଟେ ଦକ୍ଷିଣରେ ଏମିତି ବି ବିଜେପି ଦୁର୍ବଳ । କେରଳରେ ସାଧାରଣତଃ ବାମଦଳ ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହୋଇଥାଏ । ତେବେ ପୌର ନିର୍ବାଚନରେ କେରଳ ରାଜଧାନୀ ଥିରୁଭନନ୍ତପୁରମକୁ ଦଖଲ କରି ବିଜେପି ସତର୍କ ଘଣ୍ଟି ବଜାଇଛି । ତାମିଲନାଡୁରେ କଂଗ୍ରେସ-ଡିଏମକେ ମେଣ୍ଟର ପଲା ଏବେବି ଭାରି ରହିଥିବାବେଳେ ସୁପରଷ୍ଟାର ଥାଲାପତି ବିଜୟଙ୍କ ଟିଭିକେର କ୍ରେଜ ବଢ଼ିବାରେ ଲାଗିଛି । ତଥାପିବି ୨୦୨୬ରେ ବିରୋଧୀଙ୍କ ଶିବିର ପାଇଁ ଖୁସିର ସୁଯୋଗ ରହିଛି ।**

## ପଶ୍ଚିମବଙ୍ଗ



ବିହାର ବିଜୟ ପରେ ବିଜେପିର ଆତ୍ମବଳ ବଢ଼ିଯାଇଛି । ଏବେ ସେମାନଙ୍କର ପ୍ରଥମ ଟାର୍ଗେଟ୍ ହେଉଛି ପଶ୍ଚିମବଙ୍ଗ । ଅବଶ୍ୟ ୨୦୨୧ରେ ଆକ୍ରମଣାତ୍ମକ ରଣନୀତି ସତ୍ତ୍ୱେ ମମତା ବାନାର୍ଜୀଙ୍କ ଟିଏମସିର ବିଜୟ ରଥକୁ ବିଜେପି ଅଟକାଇ ପାରିନଥିଲା । ୨୯୪ ଆସନରୁ ଟିଏମସି ୨୧୩ ଆସନରେ ବାଜିମାତ୍ କରିଥିଲା । ଅପରପକ୍ଷରେ ୨୦୧୬ରେ ମାତ୍ର ୩ ଆସନ ପାଇଥିବା ବିଜେପି ୨୦୨୧ରେ ୭୭ ଆସନ ହାତେଇ ପାରିଥିଲା । ଯାହାକି ବିଜେପି ପାଇଁ ସୁଯୋଗ ସୃଷ୍ଟିକରିଛି । କିନ୍ତୁ ମମତା ଏବେବି ପଶ୍ଚିମବଙ୍ଗର ଲୋକପ୍ରିୟ ନେତ୍ରୀ ଅଛନ୍ତି । ପୁଣିଥରେ ବାଜିମାତ୍ କରିବା ପାଇଁ ପୂର୍ବାପେକ୍ଷା ଆକ୍ରମଣାତ୍ମକ ରଣନୀତି କରୁଥିବା ଲକ୍ଷ୍ୟ କରାଯାଉଛି । ଏସଆଇଆର ପରେ ପଶ୍ଚିମବଙ୍ଗ ନିର୍ବାଚନ ହେବାର ଥିବାରୁ କେଉଁ ଅଞ୍ଚଳରେ କେତେ ଅବୈଧ ଭୋଟର କମୁଛନ୍ତି ତାହା ଉପରେ ଅନେକ କିଛି ନିର୍ଭର କରିବ ।

## ଆସାମ



ଆସାମରେ ହାଟ୍ରିକ୍ ବିଜୟ ଲକ୍ଷ୍ୟରେ ରହିଛି ବିଜେପି । ହିମନ୍ତ ବିଶ୍ୱଶର୍ମାଙ୍କ କ୍ରେଜ୍ ଏବେବି କାଏମ ରହିଛି । ଗତ ନିର୍ବାଚନରେ ବିଜେପି ୬୦ ଆସନରେ ବାଜିମାତ୍ କରିପାରିଥିଲା । ଏନଡ଼ିଏର ମୋଟ ଆସନ ୭୫ ଥିବାବେଳେ ସ୍ୱାଭାବିକ ଭାବେ ସରକାରୀ ବିରୋଧୀ ହାୱା ରହିଛି । ହିମନ୍ତ ଆଗାମୀ ନିର୍ବାଚନରେ ୧୦୪ ଆସନରେ ଜିତିବେ ବୋଲି ଟାର୍ଗେଟ୍ ରଖିଛନ୍ତି । ସେପଟେ କଂଗ୍ରେସ ମେଣ୍ଟ ଗତଥର ୫୦ ଆସନ ପାଇଥିବାବେଳେ ଏବେ ଗୌରବ ଗୋଗୋଇଙ୍କ ହାତରେ ନେତୃତ୍ୱ ରହିଛି । ଏସବୁ ଭିତରେ ଏଆଇୟୁଡ଼ିଏଫର ଆଭିମୁଖ୍ୟ ସ୍ପଷ୍ଟ ହୋଇପାରିନାହିଁ । ଗତ ନିର୍ବାଚନରେ ଏହା ୧୬ ଆସନରେ ବାଜିମାତ୍ କରିଥିବାବେଳେ ମୁସଲିମ୍ ବହୁଳ ଅଞ୍ଚଳରେ ଶକ୍ତିଶାଳୀ ରହିଛି । ଯଦି ଏହା ଏକାକୀ ଲଢ଼େ ତାହେଲେ ବିଜେପିକୁ ଫାଇଦା ହୋଇପାରେ । ଅବଶ୍ୟ କଂଗ୍ରେସ ମଧ୍ୟ ନିଜର ସହଯୋଗୀକୁ କଳବଳେ କୌଶଳେ ନେବାକୁ ଯଥପରୋନାସ୍ତି ପ୍ରୟାସ କରୁଛି ।

## ତାମିଲନାଡୁ



ଦକ୍ଷିଣରେ ବିଜେପି ସେତେଟା ମଜବୁତ୍ ନୁହେଁ । କିନ୍ତୁ ପୂର୍ବାପେକ୍ଷା ବିଜେପିର ସ୍ଥିତି ସାମାନ୍ୟ ବଢ଼ିଛି । ଆଗାମୀ ନିର୍ବାଚନରେ ଡିଏମକେ, କଂଗ୍ରେସ, ଏଆଇଡ଼ିଏମକେ ଓ ଟିଭିକେ ହିଁ ତାମିଲନାଡୁ ରାଜନୀତିରେ ପ୍ରଭାବ ବିସ୍ତାର କରିବେ । ଏଆଇଡ଼ିଏମକେ ସହ ବିଜେପିର ମେଣ୍ଟ ହେବାର ଥିବାରୁ ଏନଡ଼ିଏକୁ ଫାଇଦା ମିଳିପାରେ । ଏଆଇଡ଼ିଏମକେର କେତେକ ନେତା ବିଜେପି ସହ ମେଣ୍ଟ ସପକ୍ଷରେ ନଥିବାରୁ ସେମାନେ ଟିଭିକେ ଆଡ଼କୁ ଢଳୁଥିବା ଚର୍ଚ୍ଚା ହେଉଛି । ଗତ ୨୦୨୧ ନିର୍ବାଚନରେ ତାମିଲନାଡୁରେ ଡିଏମକେ ୧୩୩ ଆସନ ପାଇଥିବାବେଳେ ଏଆଇଡ଼ିଏମକେ ୬୬ ଆସନ ପାଇଥିଲା । କଂଗ୍ରେସକୁ ୧୮ ଓ ବିଜେପିକୁ ୪ ଆସନ ମିଳିଥିଲା । ଡିଏମକେ ପାଇଁ ଆହ୍ୱାନ ହେଉଛି ସରକାରୀ ବିରୋଧୀ ହାୱା । ଏହାଛଡ଼ା ଟିଭିକେ ବି ଏକ ବଡ଼ ଆହ୍ୱାନ ସୃଷ୍ଟିକରିଛି । ଥାଲାପତି ବିଜୟଙ୍କ ସହ ଯୁବଗୋଷ୍ଠୀ ଥିବାରୁ ତାମିଲନାଡୁ ରାଜନୀତି ନୂଆ ମୋଡ଼ ନେଇପାରେ ବୋଲି କେତେକ ରାଜନୀତିକ ସମୀକ୍ଷକ ମତପୋଷଣ କରୁଛନ୍ତି ।

## କେରଳ



କେରଳରେ ହାଟ୍ରିକ ବିଜୟ ନେଇ ଅଙ୍କ କଷୁଛି ସିପିଆଇଏମ ନେତୃତ୍ୱାଧୀନ ଏଲଡ଼ିଏଫ । ଗତ ନିର୍ବାଚନରେ ଏଲଡ଼ିଏଫକୁ ୯୯ ଆସନ ମିଳିଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡ଼ିଏଫକୁ ୪୧ ଆସନ ମିଳିଥିଲା । ବାମଦଳ ପାଇଁ କେରଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାହିଁକିନା ଏହା ହେଉଛି ତାଙ୍କର ଶେଷ ଦୁର୍ଗ । ବିଜେପିର ସେଭଳି ମଜବୁତ ସ୍ଥିତି ନଥିଲେବି ଥିରୁଭନନ୍ତପୁରମରେ ମେୟର ଆସନ ଦଖଲ କରିବା ଛୋଟିଆ କଥା ନଥିଲା । ତଥାପିବି କେରଳରେ ୟୁଡ଼ିଏଫ ଓ ଏଲଡ଼ିଏଫ ମଧ୍ୟରେ ହିଁ କ୍ଷମତା ଲଢ଼େଇ ହେବ । ଏଲଡ଼ିଏଫ ସରକାରୀ ବିରୋଧୀ ହାୱାର ସାମ୍ନା କରୁଥିବାବେଳେ କଂଗ୍ରେସ ପାଖରେ ସୁଯୋଗ ରହିଛି । ଯଦି ଦଳ ୨୦୨୬ ନିର୍ବାଚନରେ ଦୁର୍ବଳ ପ୍ରଦର୍ଶନ କରେ ତେବେ ଆଉ ଏକ ଦକ୍ଷିଣ ଭାରତୀୟ ରାଜ୍ୟ ସେମାନଙ୍କ ହାତରୁ ଖସିଯିବ । ବିଜେପି ଲୋକସଭାରେ ଖାତା ଖୋଲିଥିଲେବି ବିଧାନସଭା ହାତେଇ ପାରିନି । ଏଥର ଦଳ କିଛି ଆସନ ପାଇବା ପାଇଁ ଗୋଟି ଚଳାଉଛି ।



## ଚିନୁ ଓ ଇପ୍ସିତାଙ୍କ ବିଶାଳ ସେନା


# ନୂଆବର୍ଷରୁ ହେବ ଲଢ଼େଇ

୨୦୨୫ ଅଗଷ୍ଟ ୨୬ରେ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ଇପ୍ସିତା ସାହୁ ନିଯୁକ୍ତି ପାଇଥିଲେ। ନବୀନ ବାବୁ ସିନା ଯୁବ ଓ ଛାତ୍ରର ସେନାପତି ଦାୟିତ୍ୱ ଦେଇଦେଲେ, ହେଲେ ସେନା ଦେଇନଥିଲେ। ଯେଉଁଥିପାଇଁ ଛାତ୍ର ଓ ଯୁବ ସଂଗଠନ ମାନ୍ଦେଇ ଯାଇଥିଲା। ଆଉ ସବୁଠାରୁ ବଡ଼ କଥାଟି ହେଉଛି ଏବେ ନବୀନ ଏତେ ବଡ଼ ସେନା ଗଠନ କରିଛନ୍ତି, ଯାହାକି ବିଜେଡ଼ି ଇତିହାସରେ ଦେଖିବାକୁ ମିଳିନଥିଲା। ଚିନ୍ମୟଙ୍କ ସେନାରେ ବାଲେଶ୍ୱରରୁ ଶୁଭେନ୍ଦୁ ମଙ୍ଗରାଜ, ବଲାଙ୍ଗୀରରୁ ରାଜେନ୍ଦ୍ର ହୋତା, ଗଞ୍ଜାମରୁ ପ୍ରଶାନ୍ତ ପଣ୍ଡା ଓ ଭୁବନେଶ୍ୱରରୁ ସେଖ୍ ଅମିର ଅହମ୍ମଦଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଛି। ଭୁବନେଶ୍ୱରରୁ ସୋଫିଆ ଆଲାମ୍ ଓ ଅମରଜିତ ସେନାପତିଙ୍କୁ ମହାସଚିବ କରାଯାଇଛି। ଏତଦବ୍ୟତୀତ ୧୭ ବରିଷ୍ଠ ଉପସଭାପତି, ୫୩ ଉପସଭାପତି ଓ ୮୪ ସାଧାରଣ ସମ୍ପାଦକଙ୍କୁ ନବୀନ ନିଯୁକ୍ତି ପ୍ରଦାନ କରିଛନ୍ତି । ସେହିପରି ବିଜୁ ଛାତ୍ର ଜନତା ଦଳରେ ମିକୁ ପ୍ରଧାନ, ବିଷ୍ଣୁ ପ୍ରସାଦ ପଣ୍ଡା, ଚିନ୍ମୟ ଦାସ, ଆଲ୍ଲାରଖା ଖାନ୍, ପ୍ରଦୋଷ ପରିଡ଼ାଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଥିବାବେଳେ ରକି ଦାସ ଓ ସୁଜିତ ପାଲଟାସିଂହଙ୍କୁ ମହାସଚିବ ଭାବେ ନିଯୁକ୍ତି ମିଳିଛି । ଅପରପକ୍ଷରେ ୧୫ ବରିଷ୍ଠ ଉପସଭାପତି, ୩୪ ଉପସଭାପତି ଓ ୮୯ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଛି ।

ଅସେନ୍ତାଷକୁ ପ୍ରଶମିତ କରିବା ପାଇଁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଯୁବ ଓ ଛାତ୍ରର ମାମୋଥ ଟିମ୍ ଗଢ଼ିଛନ୍ତି । ବିସିଜେଡ଼ିର ୧୪୫ ଓ ବିୱାଇଜେଡ଼ିର ୧୬୦ ଟିମ୍ ଗଢ଼ାଯାଇଛି । ତଥାପିବି ଦେବୀ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମନ୍ତରାୟଙ୍କ ଭଳି ନେତାମାନେ ଟିମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହୁଏତ ଆଗକୁ ଆଉ କିଛି ନେତା ବି ଏହି ଧାରାରେ ସାମିଲ୍ ହୋଇପାରନ୍ତି । ତେବେ ସେ ଯାହାହେଉନା କାହିଁକି ନୂଆବର୍ଷରୁ ଚିନୁ ଓ ଇପ୍ସିତା ଲଢ଼େଇ ଆରମ୍ଭ କରିବେ। ଏହାର ପ୍ରଭାବ କିଭଳି ପଡୁଛି ତାହା ଉପରେ ନଜର ରହିବା ସ୍ୱାଭାବିକ ।

# ବିଜେପିରେ ସାଂସଦ-ବିଧାୟକ ଲଢ଼େଇ

ବିଜେପିରେ ଏବେ କନ୍ଦଳ ଦୂରକୁ ଦିଶୁନଥିଲେବି ଭିତରେ ଭିତରେ କିନ୍ତୁ ଶୀତଳଯୁଦ୍ଧ ଆରମ୍ଭ ହୋଇଗଲାଣି। ବିଜେଡ଼ି ଆଉ ବିଜେପିର ଷ୍ଟାଇଲ୍ ଭିନ୍ନଭିନ୍ନ। ବିଜେଡ଼ିର ତରିକା ହେଉଛି, ବିଧାୟକମାନେ ସଂଗଠନ ଦାୟିତ୍ୱରେ ରହିବେ। ସାଂସଦମାନେ ସେଥିରେ ମୁଣ୍ଡ ଖେଳାଇବେ ନାହିଁ। ସବୁକିଛି ବିଧାୟକଙ୍କୁ ପଚାରି କରିବାକୁ ସାଂସଦମାନଙ୍କୁ କୁହାଯାଇଥିଲା । ବୈଜୟନ୍ତ ବାବୁ ସେଇଆ କଲେନି ବୋଲି କଳି ଆରମ୍ଭ ହୋଇଥିଲା। ସେହିପରି ବିଜେଡ଼ିର ଟାଣୁଆ ନେତା ବିଧାୟକ ଭାବେ ଲଢନ୍ତି । ଏମିତିକି ସଂଗଠନ ଓ ଶକ୍ତିରେ ସେମାନେ



ସାଂସଦଙ୍କ ଠାରୁ ବି ଦି ପାଦ ଆଗରେ ଥିଲେ। ହେଲେ ବିଜେପିର ଅଧିକାଂଶ ସାଂସଦ ଟାଣୁଆ । ତେଣୁ ସେମାନେ ବିଧାୟକଙ୍କ କାମରେ ବି ହସ୍ତକ୍ଷେପ କରୁଛନ୍ତି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସାଂସଦ ଗୋଷ୍ଠୀ ଓ ବିଧାୟକ ଗୋଷ୍ଠୀ ଅଲଗା ଅଲଗା । ଅନେକ ସ୍ଥାନରେ ଅସନ୍ତୋଷ ବି ପଦାରେ ପଡ଼ି ସାରିଲାଣି। ସମସ୍ତେ ଟିମ୍ ଗଢୁଥିବାରୁ ସଂଗଠନରେ ଫାଟ ସୃଷ୍ଟି ହୋଇଛି। ଯାହାକି ପଞ୍ଚାୟତ ନିର୍ବାଚନରେ ଦଳକୁ ଅକଳରେ ପକାଇବ। ଏନେଇ ଆଗାମୀ ସଂସ୍କରଣରେ ଆମେ କେଉଁ ସାଂସଦଙ୍କ ସହ କେଉଁ ବିଧାୟକଙ୍କର ସମ୍ପର୍କ ତିକ୍ତ ହୋଇଛି ସେନେଇ ବିଶଦ ରିପୋର୍ଟ ପ୍ରଦାନ କରିବୁ ।

# ନବୀନଙ୍କ ଚରମବାଣୀ

# 'ଦଳ ପାଇଁ ଲଢ଼, ନହେଲେ ଦଳ ଛାଡ଼'



**ସୁପ୍ରିମୋ ଦୁର୍ବଳ ହେଲେ ନେତା ଅମାନିଆ ହେବେ। ଯାହାକି ଏବେ ବିଜେଡ଼ିରେ ଦେଖିବାକୁ ମିଳୁଛି । ଦିନେ ନବୀନଙ୍କ ନାଲିଆଖି ଦେଖିଲେ ଏମାନଙ୍କ ପିଳେହି ପାଣି ହୋଇଯାଉଥିଲା । ପାର୍ଟିରୁ ବଚନ ବାହାରୁନଥିଲା । ମେଳି ବାନ୍ଧିବା କଥା ଦୂରେ ଥାଉ ହୋ, ବିଜେଡ଼ି ନେତାମାନେ କର୍ଫ୍ୟୁ ଜାରି ହେବାଭଳି ବ୍ୟବହାର କରୁଥିଲେ । ଫୋନ୍ କଲ କରିବାକୁ ବି ଡର ମାଡୁନଥିଲା । ସମସ୍ତେ ହ୍ୱାଟସଆପରେ କଲ୍ କରୁଥିଲେ । ସବୁବେଳେ କଥା ଲିକର ଡରଥିଲା। ଏବେ କିନ୍ତୁ ମିଡ଼ିଆ ବୁମ୍ ଦେଖିଲେ ଗର୍ଜନ କରୁଛନ୍ତି। ତେଣୁ ନବୀନଙ୍କୁ ଶକ୍ତିଶାଳୀ ହେବାକୁ ପଡ଼ିବ। ନେତାଙ୍କ ସଙ୍ଗରେ ଆଲୋଚନା କରନ୍ତୁ, ବୁଝାନ୍ତୁ, ଯିଏ ନବୁଝିଲା ତାକୁ ତଡନ୍ତୁ। ଏହାହିଁ ପେଟେଣ୍ଟ ମେଡ଼ିସିନ୍।**

କ୍ଷମତାରୁ ଯିବା ପରେ ନେତାମାନେ କର୍ମୀଙ୍କ ଅସଲ ରୂପ ଜାଣିପାରନ୍ତି। କ୍ଷମତା ଥିବାବେଳେ ଭାଇ ଭାଇ କହି ଧାଉଜି ହୋଇଯାଉଥିବା କର୍ମୀ, କ୍ଷମତାରୁ ଯିବା ପରେ କରଛଡ଼ା ଦିଅନ୍ତି। ଏବେ ବିଜେଡ଼ିର ସେହି ବିକଳ ଚିତ୍ରକୁ ନବୀନ ବାବୁ ନବୀନ ନିବାସରେ ରହି ଅଙ୍ଗେ ନିଭାଉଛନ୍ତି । ଅଠର ମାସ ଭିତରେ ତାଙ୍କ ଦଳର ନେତାଯେ, ଅଠର ଓଲା ଭଳି ଆଚରଣ କରିବେ ତାହା ନବୀନ ବାବୁ କେବେ କଳ୍ପନା ବି କରିନଥିବେ। ଅବଶ୍ୟ ସେ ଯେ, କେବେ ବିରୋଧୀ ଆସନରେ ବସିବେ ସେକଥା ବି କଳ୍ପନା କରିନଥିଲେ। ସାଢ଼େ ୪ କୋଟି ଓଡିଆଙ୍କୁ ସେ ନିଜର ପରିବାର କହୁଥିବାବେଳେ ପରିବାର ଲୋକେ ଏତେ ଧୋକ୍କାଦେବେ ବୋଲି ସେ ଜାଣିନଥିଲେ। ଏବେ ନବୀନ ବାବୁ କିନ୍ତୁ ବିଜେଡ଼ିକୁ ସଜାଡ଼ିବା ପାଇଁ ସଂକଳ୍ପ ନେଇଛନ୍ତି। ନିଜେ ହିଁ ତଥ୍ୟ ମଗାଇ ସବୁ ଯାଞ୍ଚ କରୁଛନ୍ତି। ପ୍ରତିଦିନ ନେତାମାନଙ୍କର ଗତିବିଧି ଉପରେ ଅପଡ଼େଟ ବି ନେଉଛନ୍ତି। କେଉଁ ଜିଲ୍ଲାରେ କ'ଣ ସ୍ଥିତି ରହିଛି, କେଉଁ ବିଜେଡ଼ି ନେତା ଏବେ ବିଜେପି ସମ୍ପର୍କରେ ରହିଛନ୍ତି, ସେ ଗଲେ ଚଳିବ ନା ନାହିଁ, କ'ଣ କରାଗଲେ ଭଲ ହେବ ସବୁ କଥା ଟିକିନିଖି ପରଖୁଛନ୍ତି। ନୂଆବର୍ଷରୁ ଜିଲ୍ଲା ୱାରୀ ଯୁବ, ଛାତ୍ର, ମହିଳା ଟିମ୍ ଓ ବରିଷ୍ଠ ନେତାମାନଙ୍କ ସହ ସେ ଆଲୋଚନା କରିବେ। ଏମିତିକି ନେତାଙ୍କ ସହ ଆଲୋଚନା ବେଳେ ନବୀନ ରୋକଠୋକ୍ ଶୁଣାଇ ଦେଇଛନ୍ତି। ଦଳ ପାଇଁ ଲଢ଼ ନହେଲେ ଦଳ ଛାଡ଼। ନବୀନଙ୍କ ଚରମବାଣୀ ଶୁଣି ଦଳେ ନେତା ଭୟଭୀତ ଥିବାବେଳେ ଆଉ କିଛି ପଦ୍ମପୋଖରୀ ଚାରିପାଖେ ନୁଙ୍ଗୁପୁଙ୍ଗୁ ହେଉଥିବା ଲକ୍ଷ୍ୟ କରାଯାଉଛି। ବିଜେପିରେ ସାଂସଦ-ବିଧାୟକ ଲଢ଼େଇ

ବିଜେପିରେ ଏବେ କନ୍ଦଳ ଦୂରକୁ ଦିଶୁନଥିଲେବି ଭିତରେ ଭିତରେ କିନ୍ତୁ ଶୀତଳଯୁଦ୍ଧ ଆରମ୍ଭ ହୋଇଗଲାଣି। ବିଜେଡ଼ି ଆଉ ବିଜେପିର ଷ୍ଟାଇଲ୍ ଭିନ୍ନଭିନ୍ନ। ବିଜେଡ଼ିର ତରିକା ହେଉଛି, ବିଧାୟକମାନେ ସଂଗଠନ ଦାୟିତ୍ୱରେ ରହିବେ। ସାଂସଦମାନେ ସେଥିରେ ମୁଣ୍ଡ ଖେଳାଇବେ ନାହିଁ। ସବୁକିଛି ବିଧାୟକଙ୍କୁ ପଚାରି କରିବାକୁ ସାଂସଦମାନଙ୍କୁ କୁହାଯାଇଥିଲା। ବୈଜୟନ୍ତ ବାବୁ ସେଇଆ କଲେନି ବୋଲି କଳି ଆରମ୍ଭ ହୋଇଥିଲା । ସେହିପରି ବିଜେଡ଼ିର ଟାଣୁଆ ନେତା ବିଧାୟକ ଭାବେ ଲଢନ୍ତି । ଏମିତିକି ସଂଗଠନ ଓ ଶକ୍ତିରେ ସେମାନେ ସାଂସଦଙ୍କ ଠାରୁ ବି ଦି ପାଦ ଆଗରେ ଥିଲେ । ହେଲେ ବିଜେପିର ଅଧିକାଂଶ ସାଂସଦ ଟାଣୁଆ। ତେଣୁ ସେମାନେ ବିଧାୟକଙ୍କ କାମରେ ବି ହସ୍ତକ୍ଷେପ କରୁଛନ୍ତି। ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ସାଂସଦ ଗୋଷ୍ଠୀ ଓ ବିଧାୟକ ଗୋଷ୍ଠୀ ଅଲଗା ଅଲଗା । ଅନେକ ସ୍ଥାନରେ ଅସନ୍ତୋଷ ବି ପଦାରେ ପଡ଼ି ସାରିଲାଣି । ସମସ୍ତେ ଟିମ୍ ଗଢୁଥିବାରୁ ସଂଗଠନରେ ଫାଟ ସୃଷ୍ଟି ହୋଇଛି । ଯାହାକି ପଞ୍ଚାୟତ ନିର୍ବାଚନରେ ଦଳକୁ ଅକଳରେ ପକାଇବ । ଏନେଇ ଆଗାମୀ ସଂସ୍କରଣରେ ଆମେ କେଉଁ ସାଂସଦଙ୍କ ସହ କେଉଁ ବିଧାୟକଙ୍କର ସମ୍ପର୍କ ତିକ୍ତ ହୋଇଛି ସେନେଇ ବିଶଦ ରିପୋର୍ଟ ପ୍ରଦାନ କରିବୁ ।

# ପଦ୍ମମୁହାଁ ମଣ୍ଡଳ ଦମ୍ପତି

ଭଦ୍ରକରେ ବିଜେଡ଼ିକୁ ଏବେ ଗ୍ରହଣ ଲାଗିଛି। ଏମିତିବି ମନମୋହନ ସାମଲ ହେଉଛନ୍ତି ବିଜେପି ରାଜ୍ୟ ସଭାପତି। ରାଜ୍ୟର କ୍ଷମତାଶାଳୀ ତାଲିକାରେ ସେ ଦୁଇ ନମ୍ବର। ସେପଟେ ସୂରଜ ସୂର୍ଯ୍ୟବଂଶୀଙ୍କ ଭଳି ଟାଣୁଆ ବିଜେପି ମନ୍ତ୍ରୀ ବି ଅଛନ୍ତି। ବିଜେଡ଼ିରେ ସବୁକିଛି ଠିକ୍ ଚାଲିନଥିବାରୁ ପ୍ରଫୁଲ୍ଲ ସାମଲଙ୍କ ଦୁଇ ପୁଅ ବି ପଦ୍ମପୋଖରୀରେ ବୁଡ଼ ମାରି ସାରିଛନ୍ତି। ଯେଉଁଥିପାଇଁ ଭଦ୍ରକ ଓ ଭଣ୍ଡାରିପୋଖରୀରେ ବିଜେଡ଼ି ଦୋହଲି ଯାଇଛି। ଏବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ପଦ୍ମ ଧରିବେ ବୋଲି ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏବେ ଭଲ ଦିନ ଚାଲୁନି । ତେଣୁ ଜାନୁଆରୀ ୧୫ ପରେ ମଣ୍ଡଳ ଦମ୍ପତି ବିଜେପିରେ ଯୋଗଦେବେ ବୋଲି କୁହାଯାଉଛି। ଯଦି ସେଭଳି ହୁଏ ତେବେ ଧାମନଗର ଓ ବାସୁଦେବପୁରରେ ବିଜେପି ପୂର୍ବାପେକ୍ଷା ମଜବୁତ୍ ହୋଇଯିବ । କାହିଁକିନା ସେଇ ଦୁଇ ନିର୍ବାଚନମଣ୍ଡଳୀରେ ମୁକ୍ତିକାନ୍ତଙ୍କର ବେଶ୍ କିଛି ଭୋଟ୍ ରହିଛି । ନବୀନ ବାବୁଙ୍କ କାନରେ ବି ଏ ଖବର ପଡ଼ିଲାଣି। ହେଲେ ଧାମନଗର ଉପନିର୍ବାଚନ ବେଳଠାରୁ ସେମାନଙ୍କ ଉପରେ ନବୀନ ବାବୁଙ୍କ ସନ୍ଦେହ କୁଆଡ଼େ ବସା ବାନ୍ଧିଛି। ସେମାନଙ୍କୁ ଡାକି ବୁଝାଇବେ କି ନାହିଁ ଜଣାପଡୁନି।





# ଅସନ୍ତୋଷ ମସଲାରେ ବିଜେଡ଼ି ଭୋଜି

**ଆଜ୍ଞା ଏବେ ତ ପିକ୍‌ନିକ୍ ଋତୁ ଚାଲିଛି। ସବୁଠି ଭୋଜିଭାତର ଆସର ଜମୁଛି। କିଏ ମଟନ ଖାଇ ଦାନ୍ତ ଖୁଣ୍ଟୁଛନ୍ତି ତ ଆଉ କିଏ ମାଲ୍ ପିଇ ଧୁରନ୍ଧର ଟ୍ୟୁନରେ ଡ୍ୟାନ୍ସ କରୁଛନ୍ତି। ତେବେ ଏସବୁ ଭିତରେ ବିଜେଡ଼ି ଭୋଜି କିନ୍ତୁ ବେଶୀ ଭାଇରାଲ୍ ହେବାରେ ଲାଗିଛି। ଅସନ୍ତୋଷ ମସଲାରେ ପ୍ରସ୍ତୁତ ବିଜେଡ଼ି ଭୋଜି କେତେ ଟେଷ୍ଟି ହୋଇଥିବ ତାହା ତ ଅଲଗା କଥା, କିନ୍ତୁ ମିଡ଼ିଆକୁ ସ୍ୱାଦିଷ୍ଟ ପଲଟିକାଲ ବ୍ୟଞ୍ଜନ ମିଳିଯାଉଛି।**

## ଭୋଜି ସଉଦା ପୂର୍ବରୁ ମିଡ଼ିଆକୁ ଫୋନ୍

କିଛି ବିଜେଡ଼ି ନେତା ବୁମ୍ ଆଗରେ ମିଡ଼ିଆ ଉପରେ ମିଛିମିଛିକା ଅସନ୍ତୋଷ ଝାଡୁଛନ୍ତି। ଆମେ କେବଳ ଭୋଜି କରୁଥିଲୁ, ହସଗମାତ ହେଉଥିଲୁ, ବନ୍ଧୁମିଳନ କରୁଥିଲୁ, ତୁମେମାନେ ଅଯଥାରେ ତାକୁ ପଲଟିକାଲ ରଙ୍ଗ ଦେଉଛ... ଏମିତି ଅନେକ। ହେଲେ ମିଡ଼ିଆରେ ଭୋଜି କଥା ଚର୍ଚ୍ଚା ହେଉ ବୋଲି ସେମାନେ ଅନ୍ତରର ସହ ଚାହୁଁଛନ୍ତି କହିଲେ ଭୁଲ୍ ହେବନାହିଁ। ଏମିତିକି ଭୋଜି ସଉଦା ପୂର୍ବରୁ କିଛି କିଛି ନେତାଙ୍କ ଜରିଆରେ ମିଡ଼ିଆକୁ ଖବର ପଠାଇ ଦିଆଯାଉଛି। ମସଲା କଷା ସରିଲେ ମିଡ଼ିଆକୁ ଡାକି ବାଇଟ୍ ଦେଉଛନ୍ତି। ଝୁମୁକାରେ ତ ଆମେ ହାରୁ ନେତା, ଟିକେଟ ନପାଇଥିବା ନେତା, ପୂର୍ବତନ ବିଧାୟକମାନଙ୍କ ମେଳି ଦେଖିଲେ। କିଏ ଗୀତ ବୋଲିଲେ ତ କିଏ ନାଚିଲେ, ଆଉ ତାଭିତରେ ନିଜ ଭବିଷ୍ୟତକୁ ନେଇ ବି ବିଚାରବିମର୍ଷ କଲେ। ଏମାନଙ୍କ ଭୋଜି ଦେଖି ବରିଷ୍ଠ ନେତାମାନେ ଅଭଡ଼ା ଖାଇ ଏକ ସଂକଳ୍ପ ବି ନେଇଗଲେ।


## ଭୋଜି ଖିଆ ନେତା

ଆଜ୍ଞା ଭୋଜିଟା ବଡ଼ କଥା ନୁହେଁ। ହେଲେ ଝୁମୁକାଠୁ ନେଇ ଦେବାଶିଷଙ୍କ ଫାର୍ମ ହାଉସ୍ ପର୍ଯ୍ୟନ୍ତ କିଛି ନେତା ପଙ୍ଗତ ପକାଉଛନ୍ତି। ତେଣୁ ତାଙ୍କୁ କେହିକେହି ଭୋଜି ଖିଆ ନେତା ବୋଲି କହିଲେଣି। ସେଇସବୁ ନେତାଙ୍କ ଭିତରେ ଅଛନ୍ତି, ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ବିତ ରାଉତରାୟ, ଚନ୍ଦ୍ରସାରଥି ବେହେରା, ଅଂଶୁମାନ ମହାନ୍ତି, ବିଷ୍ଣୁବ୍ରତ ରାଉତରାୟ ଓ ରୁଦ୍ର ମହାରଥି ପ୍ରମୁଖ। ଅବଶ୍ୟ ଅନେକ ସମୟରେ ବିଧାୟକ ଦେବୀ ତ୍ରିପାଠୀଙ୍କୁ ଭୋଜିଭାତର ଆସରରେ ଦେଖିବାକୁ ମିଳୁଛି। ଭୋଜି ଅପେକ୍ଷା କିଛି ନେତାଙ୍କୁ ଭବିଷ୍ୟତ ଚିନ୍ତା ଘାରିଛି। ବେଳ ଥାଉଥାଉ ବନ୍ଧ ନବାନ୍ଧିଲେ ରାଜନୀତିକ କ୍ୟାରିୟର ଶେଷ ହୋଇଯିବାର ଭୟ ବି ଆକ୍ରାମାକ୍ରା କରିଦେଉଛି। ଦେଖାଯାଉ ଏମାନଙ୍କ ମେଳିର ଫଳ କ'ଣ ମିଳୁଛି?

## ଦେବାଶିଷଙ୍କ ସନ୍ନ୍ୟାସୀ ଛୁଙ୍କ

ଭୋଜିକୁ ନେଇ ଗାଁଠୁ ସହର ଯାଏଁ ଚର୍ଚ୍ଚା ଚାଲୁଥିବାବେଳେ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଫାର୍ମହାଉସରେ ଭୋଜି ପାଇଁ ନେତାଙ୍କ ମେଳି କରିଦେଲେ। ଏମିତିବି ଦେବାଶିଷ ଭଲଭାବେ ଜାଣନ୍ତି, ଯଦି ପାଣ୍ଡିଆନ୍ ବିଜେଡ଼ି କଥା ବୁଝିବେ ତେବେ ତାଙ୍କର ଦଳରେ ଖାତା ଖତିଆନ ରହିବନି। ଅବଶ୍ୟ ଜଣେ ଭଲ ବ୍ୟବସାୟୀ ହୋଇଥିବାରୁ ସେ ଅଙ୍କ କଷିଛନ୍ତି। ଏବେ ଯିଏ ପାଣ୍ଡିଆନଙ୍କୁ ଦଳରେ ବିରୋଧ କରୁଛନ୍ତି ସେ ହିରୋ ପାଲଟିଯାଉଛନ୍ତି। ଅନ୍ୟ ନେତା କହୁଛନ୍ତି, କେବଳ ଋଷି ଭାଇର ହିଁ ଦମ୍ ଅଛି। ଋଷି ବାବୁ ବି ଜାଣିଛନ୍ତି ଦଳରୁ ସସପେଣ୍ଡ କର କି ଏକ୍ସପେଲ୍, ରାଜ୍ୟସଭା ପଦ ଯିବାର ଚାନ୍ସ ନାହିଁ। ୨୦୩୦ ଯାଏଁ ପାୱାର ରହିଛି। ଏଇ ଫାର୍ମହାଉସ୍ ଭୋଜି ବେଳେ ବି ଦେବାଶିଷ ସନ୍ନ୍ୟାସୀ ଛୁଙ୍କ ଦେବାକୁ ଭୁଲିନାହାନ୍ତି। ସେ କହିଲେ ଆଜକାଲି ସନ୍ନ୍ୟାସୀ ହିଁ ସବୁ ବୁଝୁଛନ୍ତି।






## ଶଙ୍ଖ ଫାଟ ସଜାଡ଼ିବେ ନବୀନ

ଏବେ 'ଶଙ୍ଖ'ରେ ଫାଟ । ଏକଥା ସଭିଏଁ ଜାଣନ୍ତି। ସରକାରରୁ ଯିବା ପରେ ଶଙ୍ଖ ନେତାମାନେ ଅମାନିଆ ହୋଇଯାଇଛନ୍ତି। ପାଣ୍ଡିଆନ୍ ସପକ୍ଷବାଦୀ ଓ ବିପକ୍ଷବାଦୀ ଗୋଷ୍ଠୀ ମଧ୍ୟରେ ଶୀତଳଯୁଦ୍ଧ ବି ଜୋର୍ ଧରିଛି । ୨୦୨୬ରୁ ନିର୍ବାଚନୀ ବର୍ଷ ଆରମ୍ଭ ହୋଇଯିବ । ପଞ୍ଚାୟତ, ପୌର ତା'ପରେ ସାଧାରଣ ନିର୍ବାଚନ । ସେପଟେ ନବୀନ ବାବୁ ବୟସାଧିକ୍ୟ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରିବା ସାଧାରଣ କଥା । ଆଗରୁ ଭିକେ ପାଣ୍ଡିଆନ୍ ନବୀନ ନିବାସରେ ରହି ଦେଖାଶୁଣା କରୁଥିଲେ । ସର୍ବସମ୍ମୁଖକୁ ଆସୁଥିଲେ । ହେଲେ ବିଜେଡ଼ିରେ ପ୍ରବଳ ବିରୋଧ ଯୋଗୁଁ ସେ ବି ସବୁବେଳେ ଆଉ ପାଖେପାଖେ ରହିପାରୁନାହାନ୍ତି । ଯାହାକି ନବୀନଙ୍କୁ ମାନସିକସ୍ତରରେ ନିଶ୍ଚିତ ବିଚଳିତ କରୁଥିବ । ତେବେ ଦଳରେ ସମସ୍ତେ ନବୀନଙ୍କ ନେତୃତ୍ୱକୁ ମାନୁଛନ୍ତି । ନବୀନ ଚାହିଁଲେ ନେତାମାନଙ୍କୁ ଡାକି ଶଙ୍ଖର ଫାଟକୁ ଲିଭାଇ ପାରିବେ । ତାହେଲେ ଯାଇ ଶଙ୍ଖ ପୁଣି ମଜବୁତ୍ ହୋଇପାରିବ ।

## ଫୁଲକୁ ସତେଜ କରିବେ ମୋହନ

ମୋହନ ବାବୁଙ୍କର ଏବେ ପଞ୍ଚମରେ ବୃହସ୍ପତି ଚାଲିଛି। ଡାର୍କ ହର୍ସ ହୋଇ ସେ ମୁଖ୍ୟମନ୍ତ୍ରୀ ହୋଇଗଲେ। ଆରମ୍ଭରୁ ସେ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଥିବାବେଳେ ଏବେ ଜଣଙ୍କର ଛାଇ ପଡ଼ିଲେ ଆଉ ଜଣଙ୍କର ନାହି ଡେଇଁବା ଭଳି ଅବସ୍ଥା । ଏବେ ବିଜେପି ସଭାପତି ମନମୋହନ ସାମଲଙ୍କ ସହ ମୋହନଙ୍କ ଯୋଡ଼ି ଜମୁଛି । ନୂଆପଡ଼ା ଉପନିର୍ବାଚନରେ ଏକପାଖିଆ ବିଜୟ ପରେ ଖୁସିରେ ମୋହନଙ୍କ ପାଦ ତଳେ ଲାଗୁନି। ହେଲେ ଆଗକୁ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି। ଉପନିର୍ବାଚନ ଆଉ ପଞ୍ଚାୟତ ନିର୍ବାଚନ ରଣନୀତି ପୂରା ଅଲଗା । ଟିକେ ଓଲମବିଲମ ହେଲେ ପଦ୍ମ ପାଖୁଡ଼ା ଝଡ଼ିଯିବ । ସେପଟେ ମଝିରେ ମଝିରେ ଧର୍ମେନ୍ଦ୍ର ପ୍ରଧାନ ପାୱାର ଶୋ' କରି ଚମକାଇ ଦେଉଛନ୍ତି । ପଦ୍ମଫୁଲକୁ ଯେତିକି ସତେଜ ରଖିବେ, ମୋହନଙ୍କ ଭାଗ୍ୟ ସେତିକି ଚକମକ କରିବ ।

## ହାତ ରେଖା କାଟିବେ ଭକ୍ତ

ପିସିସି ସଭାପତି ଭକ୍ତ ଚରଣ ଦାସ ଏବେ କଠିନ ସମୟ ଦେଇ ଗତି କରୁଛନ୍ତି। ଯୁବ, ଛାତ୍ର, କନିଷ୍ଠ, ବରିଷ୍ଠ ଏବେ ଅସନ୍ତୁଷ୍ଟ। ଥୋକେ ନେତା ଏବେ ଭକ୍ତଙ୍କ ପଛରେ ପଡ଼ିଯାଇଛନ୍ତି । ହାତର ରେଖା ଫାଙ୍କୁଟିଆ ଦିଶୁଥିବାରୁ ଭାଗ୍ୟ ଖୋଲିପାରୁନି। ତେଣୁ ହାତ ରେଖାକୁ ଗାଢ଼ କରିବା ପାଇଁ ଭକ୍ତ ତୂଳୀ ଧରି ଲାଗି ପଡ଼ିଛନ୍ତି । ଏଆଇସିସି ହାଇକମାଣ୍ଡ ଆଉ ରାହୁଲ ଗାନ୍ଧୀଙ୍କ ହାତ ତାଙ୍କ ମୁଣ୍ଡ ଉପରେ ରହିଛି । ହେଲେ କଂଗ୍ରେସ ହେଉଛି ବିଚିତ୍ର ଦଳ । ସଭାରେ ଭାଷଣ ଦେଉଥିବାବେଳେ ବି ପଦ ପଳାଇବାର ନଜିର ରହିଛି । ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡ଼ି ଓ ବିଜେପି ଏବେ ରଣନୀତି ଆରମ୍ଭ କରିଦେଲେଣି । ସେମାନଙ୍କ ସହ ତାଳ ଦେଇ ୨୦୨୭ ପାଇଁ ନୂଆବର୍ଷରୁ ଅଙ୍କ କଷିବେ ଭକ୍ତ । ନୂଆପଡ଼ା ଉପନିର୍ବାଚନରେ ଦଳ ଦୁଇ ନମ୍ବର ସ୍ଥାନରେ ରହିଥିବାରୁ ସେ ହାଇକମାଣ୍ଡଙ୍କ ରୋଷରୁ ବର୍ତ୍ତି ଯାଇଛନ୍ତି । କିନ୍ତୁ ପଞ୍ଚାୟତ ନିର୍ବାଚନରେ ଯଦି ହାତ ଭାଙ୍ଗିଯାଏ ତେବେ ଭକ୍ତଙ୍କ ଚଉକି ବି ପଳାଇବାର ଆଶଙ୍କା ରହିଛି ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH